
Harsika Media
24×7 News Channel
ଏକ ନୂଆ ଆହ୍ୱାନ..
Web : www.harsikamedia.in.net
Facebook : Harsika Media
Youtube : Harsika Media

THE HARSIKA
# ହର୍ଷିକା
ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର
PRIG No.: ORORI/26/A3087




• ଭାଗ-୦୧ • ସଂଖ୍ୟା-୦୮ • କଟକ • ସାପ୍ତାହିକ • ୧୬ - ୨୨ ମାର୍ଚ୍ଚ, ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮
• VOL. NO. 01 • ISSUE NO. 08 • CUTTACK • WEEKLY • 16 TO 22 MARCH, 2026 • RS. 7.00 • PAGE-8

ତୃତୀୟ ସପ୍ତାହରେ ପ୍ରବେଶ କରିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ

# ଖାର୍ଗ ହମଲା ପରେ ରକ୍ତମୁଖା ଇରାନ

- ଦୁବାଇରେ ବିସ୍ଫୋରଣ, ଆମେରିକା ଦୂତାବାସରେ ମିସାଇଲ ମାଡ଼
- ଯୁଦ୍ଧ ଭିତରେ ୪୦ ପ୍ରତିଶତ ବଢ଼ିଲାଣି ଅଶୋଧିତ ତୈଳ ମୂଲ୍ୟ
- ଯେମିତି ହେଉ ହୋର୍ମୁଜ ଖୋଲିବୁ : ଡୋନାଲାଡ ଟ୍ରମ୍ପ
- ଏଲ୍‌ପିଜି ନେଇ ଫେରିଲା ଭାରତୀୟ ଜାହାଜ 'ଶିବାଲିକ୍' ଓ 'ନନ୍ଦା ଦେବୀ'



ନୂଆଦିଲ୍ଲୀ (ଏଜେନ୍ସି) : ଇରାନର ଆର୍ଥିକ ମେରୁଦଣ୍ଡ ଭାବେ ପରିଚିତ ଖାର୍ଗ ଦ୍ୱୀପରେ ଆମେରିକା ବୋମା ମାଡ଼ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବା ପରେ ରକ୍ତମୁଖା ହୋଇ ଉଠିଛି ତେହରାନ। ଆଜି ଇରାନ ପକ୍ଷରୁ ଗଲ୍ଫ ଦେଶରେ ଥିବା ଆମେରିକାର ବେସ୍ ଓ ପ୍ରତିଷ୍ଠାନ ଉପରେ ଆକ୍ରମଣକୁ ଜୋରଦାର କରାଯାଇଛି। ରାନର ଘନଘନ ଆକ୍ରମଣ ଯୋଗୁ ଦୁବାଇରେ ଏକାଧିକ ବିସ୍ଫୋରଣ ହୋଇଛି। ସେହିପରି ଇରାକରେ ଥିବା ଆମେରିକା ଦୂତାବାସରେ ମିସାଇଲ ମାଡ଼ ହୋଇଛି। ଏଥିସହ ଆଉ କିଛି ସ୍ଥାନରେ ଥିବା ଆମେରିକୀୟ ଏୟାରବେସ୍ ଓ ଅନ୍ୟ ପ୍ରତିଷ୍ଠାନକୁ ମଧ୍ୟ ଇରାନ ଟାର୍ଗେଟ କରିଥିବା ଜଣାପଡ଼ିଛି।

ଦୁବାଇର ଆର୍ଥିକ ପେଣ୍ଟସ୍ଥଳରେ ଥିବା ଗୋଟିଏ ବିଲଡିଂ ଇରାନ ହମଲାରେ କ୍ଷତିଗ୍ରସ୍ତ ହୋଇଛି। ଗତ ୨୪ ଘଣ୍ଟାରେ ଦୁବାଇରେ ଏହା ଦ୍ୱିତୀୟ ଆକ୍ରମଣ। ସ୍ଥାନୀୟ ଅଧିକାରୀଙ୍କ କହିବା କଥା ଯେ କେନ୍ଦ୍ରୀୟ ଦୁବାଇକୁ କେନ୍ଦ୍ର କରି ମାଡ଼ କରାଯାଇଥିବା ମିସାଇଲ ଓ ଡ୍ରୋନକୁ ଆକାଶ ପଥରେ ଚିହ୍ନଟ କରି ଧ୍ୱଂସ କରାଯାଇଛି। ଏହାର ଧ୍ୱଂସାବଶେଷ ଗୋଟିଏ ବିଲଡିଂ ଉପରେ ପଡ଼ିବାରୁ ଏହା କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ଏଥିରେ କୌଣସି ସ୍ଥାନରେ ନିଆଁ ଲାଗିନାହିଁ କିମ୍ବା କେହି ବି ଆହତ ହୋଇନାହାନ୍ତି। ଅଧିକାରୀମାନେ ପୂରା ଆଲର୍ଟରେ ରହିଥିବା ଦୁବାଇ ପ୍ରଶାସନ କହିଛି।

ଶୁକ୍ରବାର ମଧ୍ୟ ଇରାନ ଡ୍ରୋନର ଧ୍ୱଂସାବଶେଷ କେନ୍ଦ୍ରୀୟ ଦୁବାଇର ଗୋଟିଏ ବିଲଡିଂରେ ମାଡ଼ ହୋଇଥିଲା। ଏଥିଯୋଗୁ ଦୁବାଇ ଅନ୍ତର୍ଜାତୀୟ ଆର୍ଥିକ କେନ୍ଦ୍ରରେ ଥିବା ଗୋଟିଏ ବିଲଡିଂର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଲୋକମାନେ ମଧ୍ୟ ବଡ଼ଧରଣର ଏକାଧିକ ବିସ୍ଫୋରଣ ଶୁଣି ଆତଙ୍କିତଦ ହୋଇପଡ଼ିଥିବା କହିଛନ୍ତି।

ଅନ୍ୟପକ୍ଷରେ ଇରାକର ବାଗଦାଦରେ ଥିବା ଆମେରିକା ଦୂତାବାସକୁ ମଧ୍ୟ ଇରାନ ଟାର୍ଗେଟ କରିଛି। ଇରାନ ପକ୍ଷରୁ ମିସାଇଲ ଓ ଡ୍ରୋନ ମାଡ଼ କରାଯିବାରୁ ଇରାକ ସ୍ଥିତ ଆମେରିକା ଦୂତାବାସ କ୍ଷତିଗ୍ରସ୍ତ ହୋଇଛି। ଦୂତାବାସ ବିଲଡିଂରେ ଆକ୍ରମଣ ଯୋଗୁ ନିଆଁ ଲାଗି ଯାଇଥିବା ବେଳେ ଏଥିରୁ ଧୂଆଁ ବାହାରୁଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଇରାନ ସମର୍ଥିତ ଶକ୍ତିଶାଳୀ କାତେିବ ହେଜବୋଲ୍ଲାର ଠିକଣା ଉପରେ ଦୁଇଟି ଆକ୍ରମଣ ପରେ ଆମେରିକା ଦୂତାବାସକୁ ଟାର୍ଗେଟ କରାଯାଇଥିଲା। କାତୈବ ହେଜବୋଲ୍ଲାର ଠିକଣା ଉପରେ ହୋଇଥିବା ହମଲାରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ରାତି ପ୍ରାୟ ୨.୧୫ରେ କାତୈବ ହେଜବୋଲ୍ଲାର ଠିକଣା ଉପରେ ମିସାଇଲ ମାଡ଼ ହୋଇଥିଲା। ଏହାର କିଛି ଘଣ୍ଟା ପରେ ମିସାଇଲ ଓ ଡ୍ରୋନ ଦ୍ୱାରା ବାଗଦାଦ ସ୍ଥିତି ଆମେରିକା ଦୂତାବାସ ଉପରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ଯୋଗୁ ଦୂତାବାସ ପରିସରରେ ଥିବା ହେଲିପ୍ୟାଡ ନଷ୍ଟ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

ଠିକ୍ ସେହିପରି ଅନ୍ତରାଷ୍ଟ୍ରୀୟ ବଜାରରେ ଗତ ୧୫ ଦିନ ଭିତରେ ଅଶୋଧିତ ତୈଳ • ପୃଷ୍ଠା :୩

## ମହଙ୍ଗା ହେବ ମୋବାଇଲ୍ ଡାଟା

ବ୍ୟବହାର ଉପରେ ଲାଗିପାରେ ନୂଆ ଟ୍ୟାକ୍ସ



ନୂଆଦିଲ୍ଲୀ (ଏଜେନ୍ସି) : ଭାରତ ସେହି ସମସ୍ତ ଦେଶ ମଧ୍ୟରୁ ଗୋଟିଏ ଯେଉଁଠାରେ ମୋବାଇଲ ଡାଟା ବହୁତ ଶସ୍ତା । ଶସ୍ତା ଇଣ୍ଟରନେଟ୍ ପାଇଁ ଦେଶରେ ଡାଟା ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଶେଷ କରି ଭିଡିଓ ଷ୍ଟ୍ରିମିଂ, ସୋସିଆଲ ମିଡିଆ, ଅନଲାଇନ ଗେମିଂ ଓ ରିଲ୍ସ ଦେଖିବା ଯୋଗୁଁ ଡାଟା ବ୍ୟବହାର ବଢ଼ିଛି । କିନ୍ତୁ ଆଗକୁ ଆହୁରି ମହଙ୍ଗା ହୋଇପାରେ ମୋବାଇଲ ଇଣ୍ଟରନେଟ୍ ବ୍ୟବହାର । ଭାରତରେ ଆଗାମୀ ସମୟରେ ମୋବାଇଲ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ିପାରେ । କେନ୍ଦ୍ର ସରକାର ମୋବାଇଲ ଡାଟା ବ୍ୟବହାର ଉପରେ ନୂଆ ଟ୍ୟାକ୍ସ ଲଗାଇବାର ବିକଳ୍ପ ଉପରେ ଚିନ୍ତା କରୁଛନ୍ତି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ବିଷୟରେ ଡିପାର୍ଟମେଣ୍ଟ ଅଫ ଟେଲିକମ୍ୟୁନିକେସନ୍ କୁ ଏକ ଅଧ୍ୟୟନ କରିବାକୁ କୁହାଯାଇଛି ।ମୋବାଇଲ ଡାଟା ବ୍ୟବହାର ଉପରେ ଟ୍ୟାକ୍ସ ଲଗାଇବା ସମ୍ଭବ କି ନୁହେଁ ଏବଂ ଯଦି ଲଗାଯାଏ, ତାହାର ମଡେଲ୍ କେମିତି ହେବ ତାହା ଏହି ଷ୍ଟଡିରେ ନିର୍ଣ୍ଣୟ କରାଯିବ । ରିପୋର୍ଟ ଅନୁସାରେ, ଟେଲିକମ୍ ସେକ୍ଟର ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଏହି ବିଷୟ ଉଠିଥିଲା । ତା'ପରେ ଡିଓଟି କୁ ଏହା ଷ୍ଟଡି କରିବାକୁ କୁହାଯାଇଛି ଯେ ମୋବାଇଲ ଡାଟା ବ୍ୟବହାର ଉପରେ ଟ୍ୟାକ୍ସ ଲଗାଯାଇପାରିବ କି ନାହିଁ । ଖବର ଅନୁଯାୟୀ, ସରକାର ଯେଉଁ ବିକଳ୍ପକୁ ଦେଖୁଛନ୍ତି ସେଥିରେ ପ୍ରତି ଏଇ ଡାଟା ଉପରେ ୧ ଟଙ୍କା ଟ୍ୟାକ୍ସ ଲଗାଇବା ପ୍ରସ୍ତାବ ରହିଛି । ଯଦି ଏହା ଲାଗୁ କରାଯାଏ ତେବେ ଯେତେବେଳେ କୌଣସି ୟୁଜର୍ ମୋବାଇଲ ଡାଟା ବ୍ୟବହାର କରିବେ ସେଥିରେ ଏହି ଅତିରିକ୍ତ ଚାର୍ଜ ମିଶିବ । ଏହା ସହିତ ଯଦି ପ୍ରତି ଏଇ ଡାଟା ଉପରେ ୧ ଟଙ୍କା ଟ୍ୟାକ୍ସ ଲାଗୁ ହୁଏ, ତେବେ ସରକାର ପ୍ରତିବର୍ଷ ପ୍ରାୟ ୨୨,୯୦୦ କୋଟି, • ପୃଷ୍ଠା :୩

## ପ୍ରଭାତ ବଖାଣିଲେ ମନର ବେଦନା



କଟକ (ହଓଖ) : କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ କ'ଣ କରିବେ ? ବିଜେଡି ବୈଠକକୁ ଆସୁନଥିବା ସୌଭିକ ବିଜେଡି ନିଷ୍ପତ୍ତିକୁ ସମର୍ଥ ନ କରିବେ ନା ନାହିଁ? ସୌଭିକଙ୍କ ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସହ ଆଲୋଚନା କରି ହିଁ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ଏ ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ପ୍ରଭାତ କହି ଛନ୍ତି, ଏଯାଏଁ ଆମେ ଆଲୋଚନା କରି ନାହୁଁ । ● ପୃଷ୍ଠା :୩

## ଜଳୁଛି ରାଜ୍ୟର ଅଧିକାଂଶ ଜଙ୍ଗଲ

ନିୟନ୍ତ୍ରଣ ପାଇଁ ସଜାଗ ବନ ବିଭାଗ



ଭୁବନେଶ୍ୱର, ୧୪/୦୩ (ହିବ୍ୟୁ) : ଜମିରୁ ନିଆଁ ବ୍ୟାପି ଏବେ ଜଙ୍ଗଲ ଓ ଗାଁ ମୁହାଁ ହୋଇଛି । ଅଳ୍ପକେ ବର୍ତ୍ତିଲା ଆଡେଣିଗଡ଼ ଓ ଖରଭୂଇଁ ଗାଁ । ବନ ବିଭାଗର ସଚେତନତା ଅଭାବରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ସୂଚନାମୁତାବକ ବୌଦ୍ଧ ଜିଲ୍ଲାରେ ନିଆଁର ଆତଙ୍କ । ଜମିରେ ଲାଗିଥିବା ନିଆଁ ଏବେ ଜନବସତି ଓ ସବୁଜ ଜଙ୍ଗଲ ପାଇଁ ସାଜିଛି ବିପଦ ।

ଠିକ୍ ସେହିପରି ରାଜ୍ୟରେ ଏବେ ଅଧିକାଂଶ ଜଙ୍ଗଲ ଜଳୁଛି । କେତେକ ଜଙ୍ଗଲରେ ନିଆଁକୁ ଆୟତ୍ତ କରାଯାଇ ପାରିଛି । ଏବେ ବି ରାଜ୍ୟର କିଛି ଜଙ୍ଗଲ ହୁ ହୁ ହୋଇ ଜଳୁଛି । ସେହିପରି ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ ଚଳିତବର୍ଷ ୨ଟି ସ୍ଥାନରେ ନିଆଁ ଲାଗିଥିଲା । ହେଲେ ସଜାଗ ଥିବା ବନ କର୍ମଚାରୀମାନେ ନିଆଁକୁ ସଙ୍ଗେ ସଙ୍ଗେ ଲିଭାଇବାରେ ସଫଳ ହୋଇଛନ୍ତି । ଗତବର୍ଷ ଏପ୍ରିଲ ୨୨ରେ ଏହି ଜଙ୍ଗଲର ୨ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଭୋଳା ଗାଁ ମୁଣ୍ଡରେ ନିଆଁ ଅଣାୟତ୍ତ ହୋଇ ପଡ଼ିଥିଲା । ଏହି ଅଞ୍ଚଳରେ ପ୍ରାୟ ୨ ଏକର ପରିମିତ ଜଙ୍ଗଲ ଜଳି ଯାଇଥିଲା । ଏଥିରେ କେତେକ ଜଙ୍ଗଲୀ ଜନ୍ତୁ ଓ ପକ୍ଷୀ ମୃତାହତ ହୋଇଥିଲେ । ● ପୃଷ୍ଠା :୩

ଖାତାକୁ ଆସିଲା ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି

## ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ : ମୋହନ

ଭୁବନେଶ୍ୱର, (ହଓଖ) : ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି। 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି। ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ। ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି। ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ୍ୟ ପାଳନ କରାଯାଉଛି। ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି । ● ପୃଷ୍ଠା :୩



ନୂତନ ଜୀବିକା ଦେଉଛି ବାଉଁଶ କାମ

## ଶାଳବଣୀରେ ଶିଳ୍ପ ପ୍ରତି ବଢୁଛି ଆଗ୍ରହ



ବାଙ୍ଗିରିପୋଷି (ହର୍ଷିକା) : ମେହନତି ମଣିଷଙ୍କ ପାଇଁ ସମ୍ମାନର ସହ ବଞ୍ଚିବାର ରାସ୍ତା ଦେଖାଉଛି ବାଉଁଶ କାମ। ପେଟ ପାଇଁ ରୋଜଗାର ପନ୍ଥା ଯୋଗାଉଛି। ମାହାଲି ସଂପ୍ରଦାୟର କୌଳିକ ବୃତ୍ତି ହୋଇଥିଲେ ମଧ୍ୟ କେବଳ ଗୋଟିଏ ସଂପ୍ରଦାୟରେ ମଧ୍ୟରେ ଏହା ସୀମିତ ନରହି ବରଂ ଅନ୍ୟମାନେ ଏହି ବାଉଁଶ କାର୍ଯ୍ୟକୁ ଆପଣେଇ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ । ସଂପ୍ରତି ଆଧୁନିକ ଯୁଗରେ ବି ବାଉଁଶ କାର୍ଯ୍ୟ ପରି ଛୋଟିଆ ବୃତ୍ତିକୁ ଆପଣେଇଛନ୍ତି ଲୋକେ । ଏବେ ଏ ସମସ୍ତ ଜିନିଷ ପ୍ଲାଷ୍ଟିକ ଓ ଫାଇବର ଦ୍ୱାରା ନିର୍ମାଣ ହେଉ ଥିବାରୁ ବାଉଁଶ ତିଆରି ଜିନିଷର ଚାହିଦା ଆସ୍ତେ ଆସ୍ତେ କମିବାରେ ଲାଗିଛି । ପୁଣି କାଗଜ କଳ ପାଇଁ, ଘର ତିଆରି, ବଡବଡ ପୋଲ ନିର୍ମାଣ ପ୍ରଭୃତି କାମ ପାଇଁ ଗାଁ ଗୁଡିକରୁ ଟ୍ରକ ଟ୍ରକ ବାଉଁଶ ଚାଲଣ ହେଉଥିବାରୁ ଭଲ ବାଉଁଶ ଗୋଟେ ମିଳିବା କଷ୍ଟକର ହୋଇଗଲାଣି। ପ୍ରାୟତଃ ପ୍ରତ୍ୟେକ ଘରେ ଜିଇଁବାର ମୁଖ୍ୟ ପନ୍ଥା ହେଉଛି ବାଉଁଶ କାମ । ପୂର୍ବରୁ ଗୋଟିଏ ବାଉଁଶରେ ବେଶି ପରିଶ୍ରମ ହେଉଥୁଲାବେଳେ ରୋଜଗାର ହେଉଥିଲା ୮୦୦ରୁ ଏକ ହଜାର ଟଙ୍କା । କିନ୍ତୁ ନୂତନ କୌଶଳ ପ୍ରୟୋଗ ଫଳରେ ଗୋଟିଏ ଗୋଟିଏ ବାଉଁଶରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ପାରୁଛନ୍ତି। ସେମାନେ ଜିଲାରେ ହେଉଥିବା ଚୈତ୍ରପର୍ବ, ଜଗଧାତ୍ରୀ ମେଳା, ସମେତ ପଲ୍ଲିଶ୍ରୀ ମେଳା, ଆଦିବାସୀ ମେଳା ପ୍ରଭୃତିରେ ଷ୍ଟାଲ ମାଧ୍ୟମରେ ବିକ୍ରି କରିବାରେ ସଫଳ ହେବା ସହ କାର୍ଯ୍ୟ ପାଇଁ ସାଉଁଟି ଥିଲେ ଅନେକ ପ୍ରଶଂସା ।

ବାଉଁଶ ଦ୍ୱାରା ନିର୍ମିତ ଠେକା, କୁଲା, ଟୁପା, ଚଲା, ତୁଲି, ବାଂଚଡା, ବିଛଣା ପ୍ରଭୃତିର ବ୍ୟବହାର ଗାଁ ଗହଳିରେ ବହୁଳ ଭାବେ ବ୍ୟବହାର କରାଯାଉଥିବା ବେଳେ ସହରାଞ୍ଚଳରେ ମଧ୍ୟ ତା'ର ଛାପ ଦେଖିବାକୁ ମିଳିଥାଏ । ବିଶେଷ କରି ବିବାହ, ବ୍ରତଘରଠାରୁ ଆରମ୍ଭ କରି ଶ୍ମଶାନ ଘାଟ ପର୍ଯ୍ୟନ୍ତ ଏବଂ ମନ୍ଦିରଠାରୁ ଆରମ୍ଭ କରି ଗୁହାଳ ଘର ପର୍ଯ୍ୟନ୍ତ ସବୁ ଜାଗାରେ ବାଉଁଶ ତିଆରି ଜିନିଷର ଚାହିଦା ରହିଛି। ବାଉଁଶ ତିଆରି ଦ୍ରବ୍ୟଗୁଡ଼ିକୁ ବହୁ ଶୁଦ୍ଧ ଏବଂ ଶୁଭକାରୀ ଭାବେ ବ୍ୟବହାର ହେଉଥିବାରୁ ଲୋକମାନେ ପୁରୁଷ ପୁରୁଷ ଧରି କରୁଥିବା କୌଳିକ ବୃତିକୁ ସରକାରୀ ପ୍ରୋତ୍ସାହନ ଅଭାବରୁ ଲୋପ ପାଇବାକୁ ଲାଗିଲାଣି। ବାଉଁଶ କାମ ଛାଡି ଲୋକେ ଢାଦନ ଯିବାକୁ ପସନ୍ଦ କରୁଛନ୍ତି। ବାଙ୍ଗିରିପୋଷି ବ୍ଲକର କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ଛୋଟିଆ ଗାଁ ହେଉଛି ଶାଳବଣି । ଆଦିବାସୀ, ହରିଜନ ସହ ବିଭିନ୍ନ ସଂପ୍ରଦାୟକୁ ନେଇ ଗଠିତ ଏହି ଗ୍ରାମ ପାଲଟିଛି ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ର । ବାବା ବିଶ୍ୱକର୍ମା ନାମକ ଏକ ପୁରୁଷ ଗ୍ରୁପ ଏବଂ ମା' ମନସା ମହିଳା ଏସଏଚଜି ଗୋଷ୍ଠୀ ମାଧ୍ୟମରେ ବାଉଁଶ ଦ୍ୱାରା ନିତ୍ୟ ବ୍ୟବହାର ଦ୍ରବ୍ୟ ବଦଳରେ ନିର୍ମାଣ ହେଉଛି ଫୁଲଝଡି, ଭଗଲ, ମୟୂର, କଇଁଛ, ମୋବାଇଲ ଷ୍ଟାଣ୍ଡ, ଚାବି ଗିଙ୍ଗ, ହ୍ୟାଙ୍ଗର, ଜାହାଜ ପ୍ରଭୃତି ଆଖି ଝଲସିଆ ସାଜସଜ୍ଜା ଜିନିଷ। ରୋଜଗାର ସମ୍ଭବପର ହେଉଛି ବୋଲି ତାରାବତି କୁଅଁର, ପଦ୍ମଲୋଚନ କୁଅଁର, ମନୋରଞ୍ଜନ ବୌଠା ପ୍ରମୁଖ ବାଉଁଶ କାରିଗର ପ୍ରକାଶ କରିଛନ୍ତି । ପୂର୍ବତନ ଜିଲାପାଳ ରାଜେଶ ପ୍ରଭାକର ପାଟିଲ ସେମାନଙ୍କ ପାଇଁ ତାଲିମ ବ୍ୟବସ୍ଥା ସହ ବାଉଁଶ ନିର୍ମିତ ଦ୍ରବ୍ୟଗୁଡ଼ିକର ଜିଣାବିକା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିଥିଲେ । ସରକାର ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏଭଳି ବାଉଁଶ କାରିଗରଙ୍କୁ ଅଧିକ ପ୍ରୋତ୍ସାହନ ସହିତ ଉନ୍ନତ ଜ୍ଞାନକୌଶଳ ମିଳିଲେ ଏମାନେ ଆହୁରି ଉନ୍ନତି କରି ନିଜ ଅଞ୍ଚଳ ସହିତ ଜିଲାର ନାଁ କରିବାର ହିମତ ରଖିପାରିବେ।





## କଲମରୁ

ଡ଼ଃ ବ୍ୟୋମକେଶ କାନୁନଗୋ
(ମୁଖ୍ୟ ସମ୍ପାଦକ)

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ଇତିମଧ୍ୟରେ ୨ ସପ୍ତାହ ପୂରିବାକୁ ବସିଲାଣି। ଏଭଳି ତୀବ୍ର ଆଧୁନିକ ଯୁଗର ଯୁଦ୍ଧରେ ଏହା ଦୀର୍ଘସମୟ ବୋଲି କୁହାଯାଉଛି, ବିଶେଷକରି ଯେହେତୁ ଆମେରିକା ସମ୍ପୃକ୍ତ ଅଛି। କେବଳ ଇରାନରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ଯୁଦ୍ଧର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକ ଉପରେ ପଡ଼ିଛି। ଏଥିଯୋଗୁ ତୈଳ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜିଥିବାରୁ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦର ଅସମ୍ଭାଳ ଭାବେ ବଢ଼ିଚାଲିଛି। ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୨ ଡଲାର ଥିବା ବେଳେ ଏହା ୯୨ ଡଲାର ଅତିକ୍ରମ କରିଯାଇଛି। ସପ୍ତାହକ ମଧ୍ୟରେ ଏହି ଦର ୧୫୦ ଡଲାରରେ ପହଞ୍ଚିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କଲେଣି। ଏହି ପରିପ୍ରେକ୍ଷୀରେ ଭାରତର ତୈଳ କ୍ରୟ ପ୍ରସଙ୍ଗ ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ୬ ମାର୍ଚ୍ଚରେ ରୁଷୀୟ ତୈଳ କିଣିବା ଲାଗି ଭାରତକୁ ୩୦ ଦିନିଆ ଅନୁମତି ଦେଇ ଆମେରିକା ନିଜର ପ୍ରଭୁତ୍ୱ ବିସ୍ତାର କରିଛି। ବିଶ୍ୱର ତୈଳ ଯୋଗାଣ ପଥ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ସକାଶେ ସାମୟିକ ଭାବେ ଏଭଳି ରିହାତି ଦିଆଯାଇଥିବା ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିବା ବେଳେ ଭାରତୀୟଙ୍କୁ ଭଲ ଅଭିନୟକାରୀ ଭାବେ ଅଭିହିତ କରିଛନ୍ତି। ତେବେ ଆମେରିକାର ସରକାରୀ ଅଧିକାରୀ କେତେ ଜଣ ଓ କେଉଁ ପ୍ରକାରର ଭାରତୀୟଙ୍କୁ ଭେଟିକରି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ପ୍ରଶ୍ନ କରାଯାଇପାରେ। କୌଣସି ଦେଶର ନେତା କିମ୍ବା ନାଗରିକଙ୍କୁ ଆକ୍ଟର ବା ଅଭିନୟକାରୀ କହିବା ଉଭୟ ତାଚ୍ଛଲ୍ୟ ବା ଅସମ୍ମାନକୁ ସୂଚାଉଛି। ଆମେରିକା କହିବାରୁ ରୁଷିଆରୁ ଭାରତ ତୈଳ ଆମଦାନୀ ବନ୍ଦ କରିଥିଲା। ଏବେ ସାମୟିକ ଅସୁବିଧା ଦେଖାଦେଇଥିବାରୁ ରୁଷୀୟ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଛି ବୋଲି ବେସେଣ୍ଟ କହିଛନ୍ତି। ଏଠାରେ କୁହାଯାଇପାରେ, ଆମେ କେଉଁ ତେଲ ବ୍ୟବହାର କରିବୁ, କେଉଁ ସାବୁନ ଦେହରେ ଲଗାଇବୁ ବା କେଉଁ ଖାଦ୍ୟ ଖାଇବୁ ତାହାର ନିର୍ଦ୍ଧାରଣ ପଡ଼ୋଶୀ ଯଦି କରିବ, ତେବେ ଆମକୁ ଯେମିତି ବାଧିବ ସେହିଭଳି ଆମେରିକାର କଥା ପ୍ରତ୍ୟେକ ଭାରତୀୟଙ୍କୁ ମଧ୍ୟ ବାଧିବ। ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। କୂଟନୀତିକୁ ଭାରତ ସଫଳତାର ସହ ପ୍ରୟୋଗ କରିପାରୁ ନ ଥିବାରୁ ଆଜି ଅବସ୍ଥା ଏହି ସ୍ତରକୁ ଆସିଯାଇଛି। ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏପରି ଭାବେ ଅନ୍ୟ ଦେଶ ପାଖରେ ଆତ୍ମସମର୍ପଣ କରିଦେବା ଦେଶବାସୀଙ୍କୁ ବ୍ୟଥିତ କରିଛି। ସାମ୍ରାଜ୍ୟବାଦୀ ଶକ୍ତିକୁ ହଟେଇବା ଦିଗରେ ଅତୀତରେ ଅନେକ ମହାମନୀଷୀ ବହୁବିଧ ପଦକ୍ଷେପ ନେଇ ଦେଶକୁ ସ୍ୱାଧୀନ କରିଥିଲେ। ଏବକାର ସ୍ଥିତିରେ ଦାଣ୍ଡ ଆଭିମୁଖ୍ୟ ରଖିପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ କଣ୍ଢେଇ ଭଳି ନଚାଇବାକୁ ପାଶ୍ଚାତ୍ୟ ରାଷ୍ଟ୍ର ସାହସ କରୁଛି ବୋଲି କୁହାଗଲାଣି। ଭାରତର ବାହ୍ୟ ସ୍ଥିତି ଏଭଳି ଅବସ୍ଥାରେ ଥିବାବେଳେ ଆଭ୍ୟନ୍ତରୀଣ ଦୃଶ୍ୟପଟକୁ ଦେଖିଲେ ଏକ ଅସ୍ୱାଭାବିକ ଘଟଣା ନଜରକୁ ଆସିଛି। ୭ ମାର୍ଚ୍ଚରେ ପଶ୍ଚିମବଙ୍ଗର ଗୋସାଇପୁରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତ କରି ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ସମୟରେ ସେ ଆୟୋଜିତ ସାନ୍ତାଳ ସମ୍ମିଳନୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଏହା ପ୍ରଥମେ ବିଧାନନଗରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କେଉଁଥିପାଇଁ ତାହା ଗୋସାଇପୁରକୁ ସ୍ଥାନାନ୍ତର ହେଲା ସେଥିନେଇ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ। ବିଧାନନଗରରେ ସମ୍ମିଳନୀ ଆୟୋଜିତ ହୋଇଥିଲେ ଅଧିକ ଲୋକ ହୋଇଥାଆନ୍ତେ। କାରଣ ଏହା ଏକ ବଡ଼ ଜାଗା ଥିଲା। ଗୋସାଇପୁରରେ ଏହା ହୋଇଥିବାରୁ ଅଧିକ ଲୋକ ଯୋଗ ଦେଇ ନାହାନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ପ୍ରଦାନ ଦେଶବାସୀଙ୍କୁ ଦୁଃଖିତ କରିଛି। ଯିଏ ଯେଉଁପଟୁ ଦେଖି ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ଟିପ୍ପଣୀ ଦେବାର ସୁଯୋଗ ପାଇଯାଇଛନ୍ତି। ହୁଏତ ନିକଟରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ସେହି ରାଜ୍ୟକୁ ଗସ୍ତ କରିବାକୁ ଅସ୍ୱୀକାର କରିବାର ଥିଲା। ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ଗତ କିଛି ବର୍ଷ ହେବ ଯେତେବେଳେ କେନ୍ଦ୍ର ସରକାରଙ୍କୁ କୌଣସି କ୍ଷେତ୍ରରେ ଅପ୍ରୀତିକର ସ୍ଥିତିର ସାମ୍ନା କରିବାକୁ ପଡୁଛି ସେତେବେଳେ ତାହାକୁ ଅଣଦେଖା କରାଯାଇ ଅନ୍ୟ ଏକ ପ୍ରସଙ୍ଗକୁ ଚିଆଁଇ ଦିଆଯାଉଛି। ଏକ ସୁଶାସନର ଏହା ଲକ୍ଷଣ ନୁହେଁ ବୋଲି କୁହାଯାଇପାରେ। ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍‌କ୍ଷଣାତ୍ ବାହାର କରାଯିବା କଥା। ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ। ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା। ●

# ତାପମାତ୍ରା ବୃଦ୍ଧିର ଚେତାବନୀ

■ ସୌଭାଗ୍ୟ ରଂଜନ ମହାନ୍ତି...

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। କେବଳ ଏତିକି ନୁହେଁ, ଆଗକୁ ପରିସ୍ଥିତି କଣ ହେବ, ତାହାର ଏହା ଏକ ପ୍ରାକ୍ ସୂଚନା। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତରଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ। ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ। ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଂଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଁଚି ସାରିଲାଣି। ସୂଚନାଯୋଗ୍ୟ ଯେ, ଗତବର୍ଷ ଝାରସୁଗୁଡାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି ଥିଲା। ଗ୍ରୀଷ୍ମ ଅବଧିରେ ଝାରସୁଗୁଡାର ଦୈନିକ ତାପମାତ୍ରା ହାରାହାରୀ ୪୨ଡିଗ୍ରୀ ଉପରେ ରହିଥିଲା। ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୧୯୮୦ ପରଠାରୁ ଦେଶରେ ହିଟୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତାଠାରୁ ଅଧିକ ହୋଇଛି। ସେହିପରି ଦେଶରେ ଅସହ୍ୟ ହିଟୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦୃତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ



ପରିବର୍ତ୍ତନ ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି। ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ। ଏଭଳି ଜଳବାୟୁ ପରିବର୍ତ୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି। କେବଳ ଜୀବନ, ଜୀବିକା ନୁହେଁ, ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି। ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ବୋଧହୁଏ କେହି ଏହା ପାଶୋରୀ ନଥିବେ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। କହିବା ବାହୁଲ୍ୟ ଯେ, ଜଳବାୟୁ ପରିବର୍ତ୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ। ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ। ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ। ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି। ତେବେ କେବଳ ଖାଦ୍ୟ ସଂକଟ ନୁହେଁ, ଉକ୍ତ ପାନୀୟ ଜଳ ସଂକଟକୁ ମଧ୍ୟ ଏଡାଇ ଦିଆଯାଇନପାରେ। ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳ ଠାରୁ ଆରମ୍ଭ କରି ଦୁର୍ଗମ ପାହାଡିଆ ଅଂଚଳ ସବୁଠାରେ ଉକ୍ତ ପାନୀୟ ଜଳ ସଂକଟର ଧ୍ୱନୀ ଶୁଣାଯାଏ। କୁଅ ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯାହାକି ଏବେ ଚିନ୍ତାର କାରଣ। ସେହିପରି ବିଦ୍ୟୁତ ସଂକଟ ମଧ୍ୟ ଦେଖାଯାଏ। ବିଦ୍ୟୁତ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା। ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ୱଳିତ କରିବା ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ ହୋଇନପାରେ। ତେଣୁ ବେଳହୁଁ ସାବଧାନ ନହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନକଲେ, ଧ୍ୱଂସ ହି ସାର ହେବ।

ଭୁବନେଶ୍ୱର

# ତୈଳ ସଙ୍କଟ ନେଇ ଭାରତକୁ ଚିନ୍ତା

■ ଦଶରଥ ହେମ୍ବ୍ରମ୍...

ଜୀବଜଗତରେ ଥିବା ସବୁ ଜୀବଠାରୁ ମଣିଷ ହେଉଛି ଶ୍ରେଷ୍ଠ। ତା'ର ବୁଦ୍ଧି, ବୃଦ୍ଧି ଏବଂ ବିଚାର ଆଦିରେ ସ୍ୱାତନ୍ତ୍ୟ ବିଦ୍ୟମାନ। ସେ କେଉଁ ଆଦିମ ଯୁଗରୁ ପୃଥିବୀପୃଷ୍ଠରେ ବଞ୍ଚିରହିବା ପାଇଁ କେତେ କ'ଣ ସଂଘର୍ଷ କରି ନଥିବ! ହୁଏତ, ତା'ର କୌଣସି ହିସାବ କିତାବର ପ୍ରମାଣ ନଥିବ। ମାତ୍ର ମଣିଷ ବେଳେବେଳେ ସମସ୍ତ ଜ୍ଞାନ ଓ ବିଚାର ଶକ୍ତି ଭୁଲିଯାଇ ହିଂସ୍ର ପଶୁଠାରୁ ମଧ୍ୟ ହୀନ ହୋଇଯାଏ। ସେ ଭୁଲିଯାଏ ସେତେବେଳେ ତା'ର ସମାଜ, ପରିବାର ତଥା ଜାତି ଆଉ ଧର୍ମକୁ। ନିଜର ସାମାନ୍ୟ ସାର୍ଥ ହାସଲ ପାଇଁ ଦେଶ ଦେଶ ମଧ୍ୟରେ ପ୍ରବଳ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥାଏ। ଏହାଦ୍ୱାରା କେବଳ ଯେ ଧନ ଜୀବନକୁ ନଷ୍ଟ କରିଦିଏ ତାହା ନୁହଁ, ବରଂ ଗୋଟିଏ ଜାତି, ସମାଜ ଓ ଧର୍ମର ବିଲୋପ କରିଦେଇଥାଏ। ବିଜ୍ଞାନର ଜୟଯାତ୍ରା, ଆଜି ସମଗ୍ର ବିଶ୍ୱରେ ଯୁଦ୍ଧର ଆଶଙ୍କା ଆହୁରି ସ୍ପଷ୍ଟ କରିଦେଇଛି। ଧ୍ୱଂସ ମାର୍ଗରେ ପରିଚାଳିତ ହେଉଥିବା ବିଜ୍ଞାନର ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି। ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏ ଦେଶ ଅନ୍ୟ ଦେଶ ଉପରେ ନିଜର ଆଧିପତ୍ୟ ଜାହିର କରିବାରେ ଉଦ୍ୟମ ଚଳାଇଛି। ବିଭିନ୍ନ ମାରଣାସ୍ତ୍ର ଉଦ୍ଭାବନ କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କ ଭରିଦେଇଛି। ଅହଂକାର ମନୋଭାବ ରଖି ନିଜକୁ ନିଜେ ପ୍ରମାଣିତ କରିଦେଉଛନ୍ତି, ସବୁ କ୍ଷେତ୍ରରେ ଆମେ ଅଗ୍ରଣୀ ଓ ଉନ୍ନତ। ଏଭଳି କୁତ୍ସିତ ମାନସିକତା ଦ୍ୱାରା ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫)ର ଭୟଙ୍କର ପରିଣତି ବିଶ୍ୱବାସୀଙ୍କ ପ୍ରାଣରୁ ଆତଙ୍କ ଆଜିଯାଏଁ ଲିଭିନାହିଁ। ଯୁଗ ଯୁଗର ସଞ୍ଚିତ କଳା, ଭାସ୍କର୍ଯ୍ୟ, ଐତିହ୍ୟ, ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନଗୁଡ଼ିକ ଯୁଦ୍ଧରେ ଯେଉଁ ଧ୍ୱଂସ ପାଇଯାଇଛି, ତାହା ଆଜି ଯାଏଁ ପୁନଃଉଦ୍ଧାର କରାଯାଇ ପାରିନାହିଁ। ଦେଶର ପ୍ରଗତି ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୋଇଛି, ତାହା ମଧ୍ୟ ଅସୁଲ କରାଯାଇ ପାରିନାହିଁ। ଏଭଳି ଗମ୍ଭୀର ପରିସ୍ଥିତି ଦେଶରୁ ନ ହଟିବା ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ହେବାର ଆଶଙ୍କା କରାଯାଉଛି।

କିଛିଦିନ ହେବ ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ପ୍ରାଣ ହରାଇଛନ୍ତି। ଏହାର ପ୍ରତିବଦଳରେ ଇରାନ ତା'ର ସାମରିକ ଶକ୍ତି ପ୍ରଦର୍ଶନ କରି ଆମେରିକା ଓ ଇସ୍ରାଏଲ ଉପରେ ଜୋରଦାର ଆକ୍ରମଣ କରିଚାଲିଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅନେକ ଧନ-ଜୀବନ କ୍ଷତି ହେଲାଣି। ଦେଶର ପ୍ରଗତି ଓ ଅର୍ଥନୀତି ଧୀରେ ଧୀରେ ଭୁଷୁଡି ପଡ଼ିବାରେ ଲାଗିଛି। ଏପଟେ ବିଶ୍ୱରେ ତୈଳ ସଙ୍କଟ ମଧ୍ୟ ଦେଖାଦେଲାଣି। ଏନେଇ ସମଗ୍ର ବିଶ୍ୱବାସୀଙ୍କ ମନରେ ଚିନ୍ତା ବଢ଼ିଛି। ଯୁଦ୍ଧ ନକରି ଶାନ୍ତି ଫେରାଇ ଆଣିବା ପାଇଁ ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆବେଦନ କରିଛନ୍ତି। ସଂଯୁକ୍ତ ଜାତିସଂଘ ସମେତ ଅନ୍ୟ ଜାତୀୟ ରାଷ୍ଟ୍ର ମୁଖ୍ୟ ମଧ୍ୟ ଯୁଦ୍ଧ ନକରିବାକୁ ଆବେଦନ କରିଛନ୍ତି। କିନ୍ତୁ ଆମେରିକା ସମର୍ଥିତ ଇସ୍ରାଏଲ ଶୁଣୁ ନାହିଁ କି ଇରାନ ଆମେରିକା ପାଖରେ ଆତ୍ମ ସମର୍ପଣ ହେବାକୁ ପସନ୍ଦ କରୁନାହିଁ, ଯାହାଫଳରେ ଦିନକୁ ଦିନ ବିଶ୍ୱ ଅଶାନ୍ତ ହେବାରେ ଲାଗିଛି। ଏହି ଯୁଦ୍ଧ ଫଳରେ ଉପସାଗରୀୟ ରାଷ୍ଟ୍ରଗୁଡିକ ମଧ୍ୟ ପ୍ରଭାବିତ ହୋଇଛନ୍ତି ଓ ପ୍ରବଳ ମାତ୍ରାରେ ତୈଳ ସଙ୍କଟ ଦେଖା ଦେଇଛି। ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ୟକ୍ତ ସଂଘର୍ଷ ଦେଖା ଦେବାରୁ ଆମ



ଭରତରେ ପ୍ରଭାବ ଏବେ ତୈଳ ଉପରେ ପଡ଼ିବାକୁ ଲାଗିଲାଣି। ଅଶୋଧିତ ତୈଳ ଦର ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ ଭାବେ ଜଣାଶୁଣା 'ହୋର୍ମୁଜ ଷ୍ଟ୍ରେଟ୍'କୁ ବନ୍ଦ କରିବା ପାଇଁ ଇରାନ ଘୋଷଣା କରିବା ପରେ ସାରା ବିଶ୍ୱରେ ତୈଳ ସଙ୍କଟର ଆଶଙ୍କା ଆହୁରି ଘନେଇବାରେ ଲାଗିଛି। କାରଣ ଏହି ଜଳପଥରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ତାହାର ଭୟାବହ ପରିଣାମ ଭୋଗିବାକୁ ପଡ଼ିପାରେ। ଭାରତର ତୈଳ ଉତ୍ପାଦନ ଏହାର ମୋଟ ଚାହିଦାର ମାତ୍ର ୧୫ ପ୍ରତିଶତ ରହିଥିବା ବେଳେ ୮୫ ପ୍ରତିଶତ ଆମଦାନି ମାଧ୍ୟମରେ ପୂରଣ ହୋଇଥାଏ। ଦେଶର ସ୍ଥଳ ଭାଗର ମୁଖ୍ୟ ଉତ୍ପାଦନ ରାଜ୍ୟ ମଧ୍ୟରୁ ରାଜସ୍ଥାନ, ଆସାମ ଏବଂ ମହାରାଷ୍ଟ୍ରରୁ ହୋଇଥାଏ। ଏହା ଦୈନିକ ହାରାହାରି ୪.୬ ରୁ ୪.୮ ନିୟୁତ ବ୍ୟାରେଲ ତୈଳ ଆମାଦାନୀ କରିଥାଏ। ତୈଳ ସଙ୍କଟ ଏଥର ଯୁଦ୍ଧରେ ହିଁ ପ୍ରଥମ ଦେଖା ଦେଇଛି ତାହା ନୁହଁ, ଏଭଳି ଆଗରୁ ମଧ୍ୟ ଅନେକ ଥର ତୈଳ ସଙ୍କଟ ଦେଶରେ ଦେଖା ଦେଇଥିଲା। ୧୯୭୩ରେ ଆରବ ଏବଂ ଇସରାଇଲ ମଧ୍ୟରେ ଯୁଦ୍ଧ ହୋଇଥିବା ବେଳେ ତୈଳ ସଙ୍କଟ ଦେଖା ଦେଇଥିଲା। ଏହାର ପ୍ରଭାବରେ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ ପିଛା ୩ ଡଲାରରୁ ବଢି ୧୨ ଡଲାରରେ ପହଞ୍ଚିଥିଲା, ଯାହା ଭାରତୀୟ ମୁଦ୍ରାସ୍ଫୀତିକୁ ୨୦% ଉଚ୍ଚ ସ୍ତରକୁ ନେଇଯାଇଥିଲା। ଫଳରେ ବଡ ଧରଣର ବାଣିଜ୍ୟିକ ନିଅଣ୍ଟ ସୃଷ୍ଟି ହୋଇଥିଲା। ଏହାଦ୍ୱାରା ଆର୍ଥିକ ଅସ୍ଥିରତା ୧୯୭୫ରେ ଦେଖାଦେବାରୁ ଭାରତରେ ଜରୁରୀକାଳିନ ପରିସ୍ଥିତି ଲାଗୁକରାଯାଇଥିଲା। ସେହିଭଳି ୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଇରାନ ଓ ଇରାକ ମଧ୍ୟରେ ଟ୍ୟାଙ୍କର ଯୁଦ୍ଧ ହୋଇଥିଲା। ତାହା ମଧ୍ୟ ଭାରତରେ ପ୍ରଭା ପକାଇ ତୈଳ ଦର ପ୍ରାୟ ଦୁଇଗୁଣା ବୃଦ୍ଧି କରି ବ୍ୟାରେଲ ପିଛା ୩୫ରୁ ୪୦ ଡଲାରରେ ପହଞ୍ଚିଥିଲା। ୧୯୯୦-୯୧ ରେ ଉପ ମହାସାଗରୀୟ ଯୁଦ୍ଧ ହୋଇଥିଲା ତାହାର ପ୍ରଭାବରେ ଅଶୋଧିତ ତୈଳ ମୂଲ୍ୟ ୧୭ ଡଲାର ବଢ଼ି ୪୦ ଡଲାର ଅତିକ୍ରାନ୍ତ କରିଥିଲା। ଯାହା ଭାରତ ପାଇଁ ତାହା ଗମ୍ଭୀର ସଙ୍କଟ ସୃଷ୍ଟି କରିଥିଲା। ଯାହାଫଳରେ ଭାରତକୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପାଖରେ ସୁନା ବନ୍ଧକ ରଖିବାକୁ ପଡ଼ିଥିଲା।

୨୦୦୩ରେ ଇରାକ ଯୁଦ୍ଧ ସମୟରେ ଯୋଗାଣ ଅନିଶ୍ଚିତତା ଯୋଗୁଁ ତୈଳ ମୂଲ୍ୟ ବ୍ୟାରେଲ ପିଛା ୩୫ ଡଲାର ଅତିକ୍ରମ କରିଥିଲା। ଭରତ ମୁଦ୍ରାସ୍ଫୀତିରେ ତାହା ୩ % ରୁ ୪.୫ % କୁ ବୃଦ୍ଧି ପାଇଥିଲା। ୨୦୨୨ରେ ଆରମ୍ଭ ହୋଇଥିବା ଋଷିଆ ଓ ୟୁକ୍ରେନ ଯୁଦ୍ଧ ସମୟରେ ମଧ୍ୟ ତୈଳ ଦର ବ୍ୟାରେଲ ପିଛା ୧୩୯ ଡଲାର ବୃଦ୍ଧି ପାଇଥିଲା। ଅତଏବ ତୈଳ ଦରର ସିଧା ପ୍ରଭାବ ଦେଶର ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧି ଏବଂ ବଜାର ଦରଦାମ୍ ଉପରେ ପଡିଥାଏ। ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେବାଦ୍ୱାରା ଅର୍ଥନୀତି ଦୁର୍ବଳ ହେବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଇଥାଏ।

ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ-୯୩୩୭୪୦୪୨୫୪

# ଅଶାନ୍ତ ହେଉଛି ବିଶ୍ୱ

■ କ୍ଷୀରୋଦିନୀ ବେହେରା...

ମଣିଷକୁ ନେଇ ସମାଜ ଓ ସମାଜକୁ ନେଇ ରାଷ୍ଟ୍ରର ପରିକଳ୍ପନା। ସମୟାନୁସାରେ ମଣିଷ ସମାଜରେ ଦେଖାଦେଇଥିବା ବିଜ୍ଞାନର ଜୟଯାତ୍ରା, ଯାହା ବର୍ତ୍ତମାନ ସମୟରେ ବିଶ୍ୱରେ ଦେଖିବାକୁ ମିଳୁଛି। ତାହା ପୁଣି ଦେଶ ଧ୍ୱଂସ ମାର୍ଗରେ ପରିଚାଳିତ କରିବା ପାଇଁ ବିଶ୍ୱରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି। ନିଜ ନିଜ ଦେଶରେ ଥିବା ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏ ରାଷ୍ଟ୍ର ସହିତ ଅନ୍ୟ ରାଷ୍ଟ୍ର ଉପରେ ଆଧିପତ୍ୟ ଜାହିର କରିବାରେ ପ୍ରଚେଷ୍ଟା ଚାଲିଛି। ଅଣୁ ପରମାଣୁ ଭଳି ମାରଣାସ୍ତ୍ର ଉଦ୍ଭାବନା କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କ ଭରିଦେଇଛି। ସତରେ, ମଣିଷ ଏ ପୃଥିବୀରେ ଜୀବନକୁ ନିରାପଦ ମନେ କରୁନାହିଁ ତ? କିନ୍ତୁ କାଳକ୍ରମେ ଯୁଦ୍ଧର ବିଭୀଷିକା ମଣିଷ ମନରେ ଆତଙ୍କ, ବିଷାଦ ଓ ଦୁଃଖର ଭୟାବହତା ଆଣିଦେଇଛି। ଏସବୁ ଭାବିଲା ବେଳକୁ, ମନେ ପଡ଼ିଯାଏ ସେଦିନର ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪ ରୁ ୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯ ରୁ ୧୯୪୫), ଯାହା ବିଷମୟ ପରିଣତି ବିଶ୍ୱବାସୀଙ୍କୁ ଆତଙ୍କିତ କରିଦେଇଥିଲା। ଏହାଦ୍ୱାରା ରକ୍ତପାତ, କ୍ଷୟକ୍ଷତି ଓ ଧ୍ୱଂସ ମଣିଷ ମନରେ ଯେଉଁ ଭୟର ବାତାବରଣ ସୃଷ୍ଟି କରିଦେଇଥିଲା, ବର୍ତ୍ତମାନ ସମୟରେ ତାହା ଅନୁତାପ କରିବାକୁ ପଡୁଛି।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ମନରୁ ନଲିଭୁଣୁ ତୃତୀୟ ବିଶ୍ୱଯୁଦ୍ଧ ହେବାକୁ ସ୍ପଷ୍ଟ ହୋଇସାରିଛି। କିଛିଦିନ ହେବ ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ବିଶ୍ୱକୁ ଆତଙ୍କିତ କରିଦେଇଛି। ଏହା ପୂର୍ବରୁ ଆରମ୍ଭ ହୋଇଥିବା ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସରିନାହିଁ। ଏପଟେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଗମ୍ଭୀର ତିକ୍ତତା ଲାଗି ରହିଛି। ଏସବୁ ଯୁଦ୍ଧ ଯୋଗୁଁ ବିଶ୍ୱର ଅନେକ ରାଷ୍ଟ୍ର ପ୍ରଭାବିତ କରୁଛି। ଏଇଠୁ ଜଣାପଡୁଛି, ଶାନ୍ତ ବିଶ୍ୱ ହେଉଛି ଅଶାନ୍ତ। ଏପରି ସୂଚନା କେବଳ ତୃତୀୟ ବିଶ୍ୱ ଯୁଦ୍ଧର ସତର୍କ ଘଣ୍ଟି କୁହାଯାଇପାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ, ଏକମାତ୍ର ରାଷ୍ଟ୍ର ଭାରତ ତା'ର ନୀତି ଓ ଆଦର୍ଶ ବଳରେ ଯୁଦ୍ଧକୁ ବନ୍ଦ କରି ଶାନ୍ତି ସ୍ଥାପନ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିବେଦନ କରିଛନ୍ତି। ଏହାକୁ ସମର୍ଥନ କରି ସଂଯୁକ୍ତ ଜାତିସଂଘ ସମେତ ଅନ୍ୟ ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇ ଆଣିବା ପାଇଁ ଆହ୍ୱାନ କରିଛନ୍ତି। କିନ୍ତୁ ଦୁଇ ରାଷ୍ଟ୍ର ନିଜ ନିଜ ଜିଦରେ ଅଟଳ ଅଛନ୍ତି। ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ପ୍ରାଣ ହରାଇଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, କିଛିଦିନ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରମୁଖ୍ୟ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ରାଷ୍ଟ୍ରମୁଖ୍ୟଙ୍କ ସହିତ କଥାବାର୍ତ୍ତା ହେବାକୁ ଚାହୁଁଥିଲେ। ମାତ୍ର ଉଭୟ ରାଷ୍ଟ୍ର ମଧ୍ୟରେ ଏହା ସମ୍ଭବ ହୋଇନଥିଲା, ଯାହା ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥିଲା ଏବଂ ଯାହାର କାରଣ ଇସ୍ରାଏଲ ହୋଇପାରେ। ଆମେରିକା କଥାରେ ଇରାନ ନ ରହିବା କିମ୍ବା ଆତ୍ମସମର୍ପଣ ନହେବା ଯୋଗୁଁ ଆମେରିକା ଖୋଲାଖୋଲି ଇସ୍ରାଏଲକୁ ସମର୍ଥନ ଦେଇ ଇରାନ ଉପରେ ଆକ୍ରମଣ କରିବାର ସାହସ ଯୋଗାଇ ଦେଇଥିଲା। ଏହାଫଳରେ ଇରାନ ରାଷ୍ଟ୍ରମୁଖ୍ୟଙ୍କ ପ୍ରାଣହାନୀ ହୋଇଥିଲା। ଏହା ପୂର୍ବରୁ ମଧ୍ୟ ଭେଞ୍ଜୁଏଲାର ରାଷ୍ଟ୍ରମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଜବରଦସ୍ତ ଆମେରିକା ଅଣାଯାଇ ବନ୍ଦୀ କରାଯାଇଥିଲା। ଏଭଳି ହୀନମାନସିକ କାର୍ଯ୍ୟକୁ ସମଗ୍ର ବିଶ୍ୱ ନିନ୍ଦା କରିଥିଲା।

ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧରେ ଇରାନ ନିଜର ପୁରା କ୍ଷମତା ସହ ଉପସାଗରୀୟ ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର




ଅଗ୍ନିବର୍ଷା କରିଛି। ଅନ୍ୟପଟେ, ଇରାନ ଦାବି ଅନୁଯାୟୀ କୁଏତ, ବାହାରିନ ଓ ୟୁଏଇରେ ମୋଟ ୨୦ ଆମେରିକୀୟ ଘାଟି ଆକ୍ରମଣ କରିସାରିଛି। ଏପଟେ ଆମେରିକା ଅପରେସନ ଏପିକେ ଫ୍ୟୁରୀ ଓ ଇସ୍ରାଏଲର ରୋରିଙ୍ଗ ଲାୟନ ଅଭିଯାନ ଅନୁଯାୟୀ ଇରାନର ସାମରିକ ଘାଟି ଉପରେ ବଡ଼ ଆକ୍ରମଣ କରି ପ୍ରାୟ ୧୫୦୦ ଲୋକ ପ୍ରାଣ ହୋରାଇଲେଣି। ଇରାନରେ ୧୩୦୦ ଆକ୍ରମଣ ହୋଇଥିବା ବେଳେ ୧୪ ମେଡିକାଲ ସେ ର ଟାର୍ଗେଟ ହୋଇଥିଲା ଏବଂ ଇରାନର ଅନେକ ସ୍ଥାନରେ ଜଳ ବିଜୁଳି ଯୋଗାଣ ବନ୍ଦ ହୋଇଯାଇଛି। ତେବେ କୁହାଯାଉଛି ଯେ, ଇରାନର ୧୩୦୦ କ୍ଷେପଣାସ୍ତ୍ର ଲଞ୍ଚର ଧ୍ୱସ୍ତ ହୋଇଯାଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ ଏହି ତିନୋଟି ଜାତୀୟ ରାଷ୍ଟ୍ର ମଧ୍ୟରେ ସୀମିତ ନାହିଁ, ଏହା ସମଗ୍ର ମଧ୍ୟପ୍ରାଚ୍ୟରେ ବ୍ୟାପିଛି ସାରିଛି ଏବଂ ସମଗ୍ର ବିଶ୍ୱ ଅଶାନ୍ତ ହେବାରେ ଲାଗିଛି। ତେଣୁ ମଧ୍ୟପ୍ରାଚ୍ୟ ସଙ୍କଟ ଯେତେ ଅଧିକ ସମୟ ଧରି ଜାରି ରହିବ, ଏହା ସମଗ୍ର ବିଶ୍ୱ ପାଇଁ ସେତେ ଅଧିକ ସମସ୍ୟା ସୃଷ୍ଟି କରିବ। ଏହାର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣ।

ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧ ନେଇ ଇରାନ ତା'ର ହରମୁଜ୍ ପ୍ରଣାଳୀରେ ତୈଳ ପରିବହନ ବନ୍ଦ କରିଦେଇଛି। ଫଳରେ ଭାରତର ଶକ୍ତି ଯୋଗାଣକୁ ଗମ୍ଭୀର ଭାବେ ବାଧାପ୍ରାପ୍ତ କରିଛି। ତଥ୍ୟ ଅନୁସାରେ, ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ତୈଳ ବ୍ୟବହାରକାରୀ ରାଷ୍ଟ୍ର। ତେଣୁ ଭାରତର ଆବଶ୍ୟକତା ଅନୁସାରେ ୮୫% ତେଲ ବାହାର ରାଷ୍ଟ୍ରରୁ ଆମଦାନୀ କରିଥାଏ, ତାହା ମଧ୍ୟ ମଧ୍ୟପ୍ରାଚରେ ଥିବା ହରମୁଜ୍ ପ୍ରଣାଳୀ ଦେଇ। ଆମ ଦେଶରେ ୧୦୦% ରୁ ମାତ୍ର ୧୫% ତୈଳ ଉତ୍ପାଦନ ହୋଇଥାଏ। କେବଳ ଅଶୋଧିତ ତୈଳ ନୁହେଁ, ବରଂ ଅତି ଗୁରୁତ୍ୱପୂର୍ଣ୍ଣ ଏଲ୍‌ପିଜି ଆମଦାନୀକୁ ମଧ୍ୟ ଭାରତରେ ପ୍ରଭାବିତ କରିଛି। ଆବଶ୍ୟକତାର ଏଲ୍‌ପିଜି ଅଧିକାଂଶ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏ ଏବଂ ଏହାର ସଂରକ୍ଷଣ ପାଇଁ କୌଣସି ବଡ଼ ବ୍ୟବସ୍ଥା ନଥିବାରୁ ଏହା ଅଧିକ ବିପଦପୂର୍ଣ୍ଣ ବୋଲି ମନେ କରାଯାଏ। ଏହାବ୍ୟତୀତ ଭାରତରେ ଥିବା ସୁନା ଓ ରୁପା ଦର ଓ ସେୟାର ବଜାର କାରବାରକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ଅଶୋଧିତ ତୈଳ ଦରଦାମ୍ ବୃଦ୍ଧି ହେଲେ, ତାହା ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିର କାରଣ ହେବ। ମଧ୍ୟପ୍ରାଚରେ ଚାଲିଥିବା ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ କେବଳ ଭାରତକୁ ହିଁ ପ୍ରଭାବିତ କରିବ, ତାହା ନୁହଁ ସମଗ୍ର ବିଶ୍ୱରେ ଅଶାନ୍ତିର ବାତାବରଣ ମଧ୍ୟ ସୃଷ୍ଟି ହେବ ଏବଂ ବିଶ୍ୱବାସୀଙ୍କ ପାଇଁ ଏହା ଗମ୍ଭୀର ଚିନ୍ତନୀୟ ବିଷୟ ହେବ। ତେଣୁ ଏ ଯୁଦ୍ଧର ଅବସାନ କରିବା ପାଇଁ ବିଶ୍ୱର ସମସ୍ତ ଜାତୀୟ ରାଷ୍ଟ୍ର ଏକତ୍ରିତ ହୁଅନ୍ତୁ ଏବଂ ଅଶାନ୍ତିରୁ ଶାନ୍ତି ସ୍ଥାପନ ପାଇଁ ଉଦ୍ୟମ ଜାରି ରହୁ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ.-୯୭୭୭୭୨୯୦୦୨

# ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ



ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ଆମ ଦେଶରେ ଗ୍ୟାସ୍ ସଙ୍କଟ ମିଥ୍ୟା ଖବର ସୋସିଆଲ ମିଡିଆରେ ଘୁରି ଲୋକଙ୍କ ମନରେ ଭୟ ଜାଗ୍ରତ କରୁଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ମହଜୁଦ ଅଛି। ଗ୍ରାହକମାନେ ବିବ୍ରତ ହେବାର କୌଣସି କାରଣ ନାହିଁ। ଯାହାର ଦୁଇଟି ଟାଙ୍କି ଅଛି ସେମାନେ ୩୦ଦିନ ଓ ଯାହାର ଗୋଟିଏ ଟାଙ୍କି ଅଛି ସେମାନେ ୨୫ ଦିନରେ ଗ୍ୟାସ ପାଇପାରିବେ । ଗ୍ୟାସ ପାଇଁ ଲମ୍ବା ଧାଡ଼ି ଓ ଭିଡ଼ ନେଇ ଆଲୋଚନା ସମ୍ପୂର୍ଣ୍ଣ ଗୁଜବ।

**ସମରେନ୍ଦ୍ର କୁମାର ମହାପାତ୍ର,**
**ଗ୍ୟାସ ଏଜେନ୍ସି ସ୍ୱତ୍ୱାଧିକାରୀ**

### ଟାଙ୍ଗି ଚାନ୍ଦପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ମନ୍ଥର ଗତିରେ

## ଧୂଳିରେ ପଥଚାରୀ, ବାଇକଚାଳକ ଅଣନିଶ୍ୱାସୀ

■ **ଟାଙ୍ଗି/ ଖୋରଧା (ହଓଖ) :** ଟାଙ୍ଗି ଚାନ୍ଦପୁର ପୂର୍ତ୍ତବିଭାଗ ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲୁଛି । ଦୀର୍ଘଦିନ ତଥା କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି । ଏବେ ଏପରି ଅବସ୍ଥାରେ ରାସ୍ତା କାର୍ଯ୍ୟ ପହଞ୍ଚିଛି ଯେ ଗୋଟିଏ ଚାରିଚକିଆ ଗାଡିଟିଏ ଗଲେ ଏତେ ଅଧିକ ମାତ୍ରାରେ ଧୂଳି ଉଡୁଛି ଯେ ପଥଚାରୀ କିମ୍ବା ବାଇକ ଚାଳକ ଯିବାପାଇଁ ନାକେଦମ ହେଉଛନ୍ତି । ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ବଜାର ଧୂଳିରେ ପୋତି ହୋଇପଡୁଛନ୍ତି । ଏଥିପ୍ରତି ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି କି ରାସ୍ତାରେ ପାଣି ଛିଞ୍ଚା ଯାଉନାହିଁ। ସୂଚନାଯୋଗ୍ୟ ଯେ ଟାଙ୍ଗି ଚାନ୍ଦପୁର ବଜାର ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥ ଏବେ ପୂର୍ତ୍ତବିଭାଗ ଅଧିନରେ ରହିଛି ।ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟପାଇଁ ଗତ ୨୦୨୪ ଜୁଲାଇ ୧୭ ତାରିଖରେ ବାଚସ୍ପତି ସୁରମା ପାଢୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା ।ଏହି କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରାଯିବା ପାଇଁ ଚୁକ୍ତିନାମା ହୋଇଥିଲା । ଏହାମଧରେ କାର୍ଯ୍ୟ ଆରମ୍ଭ ହେବାର ୨ ବର୍ଷ ହେବାକୁ ବସିଲାଣି କିନ୍ତୁ ଶେଷ ହେବାର ନାଁ ଗନ୍ଧ ଧରୁନି । ରାସ୍ତା ମଝିରେ ଡିଭାଇଡର ନିର୍ମାଣ କରିବାପରେ ପିଚୁ କାର୍ଯ୍ୟ ହେଉନଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ତେଣୁ ଡିଭାଇଡର ନିର୍ମାଣ କରିଥିବା ରାସ୍ତା ପର୍ଯ୍ୟନ୍ତ ତୁରନ୍ତ ପିଚୁ କାର୍ଯ୍ୟ ଶେଷ କରିବାକୁ ଓ ଧୂଳିରୁ ରକ୍ଷା କରିବା ପାଇଁ ପାଣି ସ୍ପ୍ରେ କରିବାକୁ ସାଧାରଣରେ ଦାବି ହେଉଛି ।

### ■ ବର ଓ ସ୍ତ ଗଛ ବିବାହ ପରମ୍ପରାରେ

## ଏବେ ବି ବିଶ୍ୱାସ ଅତୁଟ

■ **ରାଉରକେଲା (ହଓଖ) :** ସେକ୍ଟର ୬ ସ୍ଥିତ ଜି ବ୍ଲକ ପଡିଆ ଠାରେ ଥିବା ବରଗଛ ଓ ଓସ୍ତଗଛ ସହ ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଉପେନ୍ଦ୍ର କୁମାର ନନ୍ଦ,ବରଗଛ ର ପିତାମାତା ଭାବେ ମନୋରଞ୍ଜନ ବାରିକ ଓ କନକଲତା ବାରିକ, ସେହିପରି ଓସ୍ତଗଛ ର ପିତାମାତା ଭାବେ ଲମ୍ବୋଦର ପାତ୍ର ଓ କମଳିନୀ ପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସମସ୍ତ ରୀତିନୀତି ଅନୁଯାୟୀ ବିବାହ କର୍ମ ସମ୍ପାଦନ କରାଯାଇଥିଲା। ଏହି ଅବସରରେ ପ୍ରାୟ ଦୁଇ ହଜାର ସ୍ଥାନୀୟ ଜନସାଧାରଣ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ବୈଷ୍ଣବ ସାହୁ, ବିଶ୍ୱଜିତ ସାହୁ,ସୁଜିତ ରାୟ, ରାକେଶ ସିଂ, ଆଶିଷ ସାହୁ,ଅଭୟ ମହାପାତ୍ର,ଅମିତ ଜେନା , ମନୋଜ ସେଠ, ବଂଶୀ ନାହାକ, ପ୍ରଫୁଲ୍ଲ ରଣା, ସତ୍ୟପ୍ରକାଶ ନାୟକ, ପରଦେଶୀ ତନ୍ତୀ, ପରମାନନ୍ଦ ଦାସ, ନାରାୟଣ ବେହେରା,ସୁବାସ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କର କହିଥିଲେ, ଏହା ଆମର ଧାର୍ମିକ ବିଶ୍ୱାସ। ବୃକ୍ଷଲତାକୁ ଆମେ ପୁଜ୍ୟ ପୂଜାରେ ଶ୍ରଦ୍ଧା ରଖି ପରିବେଶ ସୁରକ୍ଷିତ ରଖୁଛୁ।



## ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଆର.ଡି ବିଭାଗର ବେଖାତିର କି ?

■ **ପୁରୁଷୋତ୍ତମପୁର (ହଓଖ) :** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଆସନ୍ତା ୧୭ତାରିଖରେ ପଡୁଛି । ଠିକ ସେହି ଦିନ ପୁରୁଷୋତ୍ତମପୁର ବ୍ଲକର ପ୍ରତାପ ପୁର ତୁମ୍ବେଶ୍ୱର ପୀଠରେ ଥିବା ଋଷିକୂଲ୍ୟା ନଦୀରେ ପବିତ୍ର ବାରୁଣୀ ସ୍ନାନବି ପଡୁଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ଲକ ସଭାଗୃହ ଠାରେ ଗଞ୍ଜାମ ଉପ ଜିଲ୍ଲାପାଳ ସୁଭାଶିଷ ବରାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳଙ୍କ ବ୍ୟତୀତ ପୁରୁଷୋତ୍ତମପୁର ତହସିଲଦାର , ତୁମ୍ବେଶ୍ୱର ମନ୍ଦିର ସଭାପତି ବିନୋଦ କୁମାର ବେହେରା,ସ୍ଥାନୀୟ ବି ଡି ଓ ଶରତ କୁମାର ପାତ୍ର, ଏସ ଡି ପି ଓ ସୁଜିତ କୁମାର ନାୟକ, ଏ ବି ଡି ଓ ଜୟଶ୍ରୀ ନାୟକ, ଏନ ଏ ସି ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ଓ ବ୍ଲକର ଅନ୍ୟ ଉଚ୍ଚ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଅଂଚଳର ଦୁଇଟି ଐତିହ୍ୟ ସ୍ଥାନରେ ଏକ ସାଙ୍ଗରେ ପର୍ବ ପଡୁଥିବାରୁ ପ୍ରଶାସନ ତରଫରୁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ପ୍ରଶାସନ ସଜାଗ ହେଉଥିଲା।




**ରାସ୍ତା ମରାମତିରେ ଠକାମି**

ବେଳେ ସମସ୍ତ ବିଭାଗ ନିଜ ନିଜ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଲା ଗତ କିଛି ଦିନ ତଳେ ପ୍ରଥମ ପାଳି ପୂର୍ବ ପ୍ରସ୍ତୁତି ବୈଠକରେ ପରିବହନ ମନ୍ତ୍ରୀ ତାରାତାରିଣୀଙ୍କ ଠାରେ ସମସ୍ତ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକରେ ସମସ୍ତ ବିଭାଗକୁ କଡା ନିର୍ଦ୍ଦେଶ ଦେଇ କହିଥିଲେ ଯେ ମା ଙ୍କ କାର୍ଯ୍ୟରେ ଯେମିତି କିଏ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପାଇଁ ସମସ୍ତ ବିଭାଗ ସଜାଗ ରହିବେ। ଏହିକ୍ରମରେ ଆର ଡି ବିଭାଗ କୁ କହିଥିଲେ ଯେ ଅଛୁଲୀ ଠାରୁ ମାଆଙ୍କ ପୀଠ ପର୍ଯ୍ୟନ୍ତ ଯେଉଁ ରାସ୍ତା ଟି ଯାଇଛି ତାହାକୁ ଶୀଘ୍ର ମରାମତି କରିବାକୁ ଯେପରି ଭକ୍ତ ଓ ଶ୍ରଦ୍ଧାଳୁ ଙ୍କୁ ଯିବା ଆସିବା କରିବାରେ ସୁବିଧା ହେବ। କିନ୍ତୁ ସେହି ରାସ୍ତାଟିରେ ଡଷ୍ଟ ଗୁଣ୍ଡ ବିଛି ବିଭାଗ ଚୁପ ରହିଥିବାରୁ ପ୍ରବଳ ଜନଅସନ୍ତୋଷ ଦେଖାଦେଇଥିଲା । ଏହାକୁ ଉପଲବ୍ଧି କରି, ତୁରନ୍ତ ମରାମତି କରିବା ପାଇଁ ଉପଜିଲ୍ଲାପାଳ ଆର ଡି ବିଭାଗକୁ ତାଗିଦ ବି କରିଛନ୍ତି । ଏହି ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବି ଯୋଗ ଦେଇଥିଲେ । ସେଥିମଧ୍ୟରୁ ରନ ସୋସିଆଲ ଅର୍ଗ ନାଇ ଯେସନ, ତୁମ୍ବେଶ୍ୱର ଯୁବକ ସଙ୍ଘ ଓ ବିଶିଷ୍ଟ ସ୍ୱେଚ୍ଛାସେବୀ ନାରାୟଣ ମହାପାତ୍ର ତାଙ୍କ ମତ ପୋଷଣ କରିଥିଲେ ।

## ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସଭ୍ୟଙ୍କ ବିୟୋଗରେ ଶୋକସଭା


■ **କଟକ (ହଓଖ) :** ଖାନନଗର, ନୟାଚୌକସ୍ଥିତ ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟାଳୟ ପରିସରରେ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ବାଇଶି ଦିଗଭାଗ ସଂକୀର୍ତନ ମଣ୍ଡଳୀର ସଭ୍ୟ ସର୍ବେଶ୍ୱର ସାହୁଙ୍କ ବିୟୋଗ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା ।

ଏହି ସଭାରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ତଥା ବାଇଶି ଦିଗଭାଗ ସଂକୀର୍ତନ ମଣ୍ଡଳୀର ଆଜୀବନ ସଭ୍ୟ ଡଃ ପ୍ରଭାତ ରଂଜନ ବିଶ୍ୱାଳ ଉପସ୍ଥିତ ରହି ସ୍ୱର୍ଗତଃ ଶ୍ରୀ ସାହୁଙ୍କ ଅକାଳ ବିୟୋଗରେ ସମସ୍ତଙ୍କ ମନରେ ଗଭୀର ଦୁଃଖ ଆଣିଛି, ତାଙ୍କର କାର୍ଯ୍ୟ କରିବାର ଶୈଳୀ, ନିଷ୍ଠା ଓ ସତ୍ୟବାଦିତା ଆମ୍ଭମାନଙ୍କୁ ପ୍ରେରଣା ଦେବା ସହ ଆଗାମୀ ଦିନରେ ମଣ୍ଡଳୀର ଯେକୌଣସି ସଦସ୍ୟ ତଥା କର୍ମକର୍ତାଙ୍କ ଅକାଳ ବିୟୋଗ ହେଲେ ବାଇଶି ଦିଗଭାଗ ସଂକୀର୍ତନ ମଣ୍ଡଳୀ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭାର ଅୟୋଜନ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ସଭାରେ ବାଇଶି ଦିଗଭାଗ ସଂକୀର୍ତନ ମଣ୍ଡଳୀର ସର୍ବାଧିକାରୀ, ସର୍ବକଟୁଆଳ, ସର୍ବମହନ୍ତ, ସମସ୍ତ ସଦସ୍ୟ ଓ କର୍ମକର୍ତା ବୃନ୍ଦ, ସମସ୍ତ ସଂକୀର୍ତନ ମଣ୍ଡଳୀର ଅଧିକାରୀ, ମହନ୍ତ, କଟୁଆଳ ପ୍ରମୁଖ ଉପସ୍ଥିତ ଥିଲେ ।



## ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଜିଲ୍ଲାପାଳ ଭାବେ ଯୋଗଦାନ

■ **ମାଲକାନଗିରି (ହଓଖ) :** ମାଲକାନଗିରି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଶୁକ୍ରବାର ପ୍ରଥମେଶ ଅରବିନ୍ଦ ରାଜସିର୍କେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ରହ୍ମପୁର ମହାନଗର ନିଗମର କମିଶନର ଥିଲେ। ମାଲକାନଗିରି ଜିଲ୍ଲା ରେ ଶିକ୍ଷା, ସ୍ୱାସ୍ଥ୍ୟ ସହ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ଆଗେଇ ନେବାକୁ ନିରନ୍ତର ପ୍ରୟାସ କରିବେ ବୋଲି ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲ୍ଲାର ଅପରୂପ ସୌନ୍ଦର୍ଯ୍ୟର ବିକାଶ କରି ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ଗଢି ତୋଳିବା ପାଇଁ ଉଦ୍ୟମ କରିବେ ବୋଲି ମଧ୍ୟ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଗରିବ, ନିଷ୍ପେସିତ ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ଓ ସେମାନଙ୍କର ସମସ୍ୟା ସମାଧାନ ଦିଗରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସେହିପରି ଜିଲ୍ଲାର ସାମଗ୍ରିକ ବିକାଶ ଜନସାଧାରଣଙ୍କ ସହଯୋଗରେ ଆଗକୁ ନେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଜସିର୍କେଙ୍କ ଯୋଗଦାନ ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିମାନେ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ।



### ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଆନନ୍ଦପୁର ଚାମ୍ପିୟନ, ତାଜ କ୍ଲବ ରନର୍ସଅପ

■ **ଆଠମଲ୍ଲିକ (ହଓଖ) :** ଆଠମଲ୍ଲିକ ଉପଖଣ୍ଡ ୯ ନମ୍ବର ୱାର୍ଡ ରାମେଶ୍ୱର ପାଟଣା ସାହି ପଡ଼ିଆରେ ଅନୁଷ୍ଠିତ ହୋଇଥିବା ମା ରୁଦ୍ର ଭବାନୀ କ୍ଲବ ଆନୁକୂଲ୍ୟରେ ରାତ୍ରିକାଳୀନ ସାର୍କିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସ ରେ ଫାଇନାଲ ମ୍ୟାଚ ଆନନ୍ଦପୁର ଏବଂ ତାଜ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା । ଆନନ୍ଦପୁର ଚାମ୍ପିୟନ ହୋଇଥିବା ବେଳେ ତାଜ କ୍ଲବ ରନର୍ସ ଅପ ହୋଇଥିଲା। ଅମ୍ପାୟାର ଭାବରେ ଜଗା ଏବଂ କାନ୍ହା ଖେଳକୁ ପରିଚାଳନା କରିଥିବା ବେଳେ କମଳ ବାହୁକ ଧାରା ବିବରଣୀ ଏବଂ ଗୋବିନ୍ଦ ପାଣ୍ଡେ ସ୍କୋର ର ଦାୟିତ୍ୱ ତୁଲାଇଥିଲେ। ଏହି ଉଦ୍‌ଯାପନୀ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଟେ, ସମ୍ମାନିତ ଅତିଥି ଭାବେ ସହକାରୀ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ, ଯୁବ ଉଦ୍ୟୋଗୀ ଅମ୍ଳାନ ଜ୍ୟୋତି ମିଶ୍ର, ସ୍ୱେଚ୍ଛାସେବୀ କୃଷ୍ଣ ଚନ୍ଦ୍ର ଭୋକ୍ତା, ଶିକ୍ଷା ବିତ ବିଭୁ ରଞ୍ଜନ ସାହୁ, ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର ଉପସ୍ଥିତ ରହି ଉଭୟ ଦଳର ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରିବା ସହିତ ଉଭୟ ଦଳର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଚାମ୍ପିୟନ ହୋଇଥିବା ଆନନ୍ଦପୁର ରନର୍ସ ଅପ ହୋଇଥିବା ତାଜ କ୍ଲବକୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଏବଂ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ମା' ରୁଦ୍ର ଭବାନୀ କ୍ଲବ ର ସଭାପତି ବିଶାଳ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ଭୋକ୍ତା, ମେମ୍ବର ରଞ୍ଜିତ ରଣା, ଶକ୍ତି ବେହେରା, ସିପୁନ କଉଡ଼ି, ଗୋବିନ୍ଦ ପାଣ୍ଡେ, ସିଲୁ ଦେହୁରୀ, ସୁଧାଂଶୁ ଶେଖର ଭୋକ୍ତା, ରମନ ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, କରନ ପାଣ୍ଡେ, ରିତେଶ ପାଣ୍ଡେଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ୮ମ ଶ୍ରେଣୀ ଛାତ୍ର ମୃତ

■ **ବାଲେଶ୍ୱର (ହଓଖ) :** ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀର ବାଲିଘାଟ ନିକଟରେ ଘଟିଛି ଏକ ଅଭାବନୀୟ ଘଟଣା। ବୁଢ଼ାବଳଙ୍ଗ ନଦୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର। ନିଖୋଜ ଛାତ୍ର ଜଣଙ୍କ ହେଉଛନ୍ତି ବାଲେଶ୍ୱର ଚାନ୍ଦମାରି ପଡ଼ିଆ ଅଞ୍ଚଳର। ସେ ଓ ତାଙ୍କର ଆଉ ୩ ସାଙ୍ଗ ମିଶି ସେଠାକୁ ଯାଇଥିଲେ।













# ନୂଆ ଟ୍ରେଣ୍ଡ୍ ଆଗରେ ଫିକା ପଡ଼ିଛି ପରମ୍ପରା



ବଦଳିଛି ପରମ୍ପରା । ହଜିଗଲାଣି ଚଳଣି । ପଶିଆସିଲାଣି ଅଧୁନିକତା ଏବଂ ଅନ୍ୟରାଜ୍ୟର ଚଳଣି । ଏକ ପ୍ରକାରର ପରମ୍ପରାକୁ ଠେଲିଦେଲାଣି ନୂଆ ଟ୍ରେଣ୍ଡ୍ । ଏମିତି ପ୍ରତିଯୋଗିତା ଚାଲିଲାଣି ଯେ, ଯେଉଁଟାକୁ ନକରିବା ପଛରେ ପଡ଼ିଗଲା ଭଳି ଲାଗୁଛି । ଆଉ ସେଇଥିପାଇଁ ଖର୍ଚ୍ଚ ହେଉଛି ପୁଳା ପୁଳା ଟଙ୍କା । ଆଗକୁ ଯାହାର ପୁଅ କିମ୍ବା ଝିଅ ବାହାହେବାକୁ ରହୁଛନ୍ତି ସେମାନଙ୍କ ମୁଣ୍ଡରେ ଆଗୁଆ ବଜ୍ର ପଡୁଛି । ସାଧାରଣ ବର୍ଗଠାରୁ ଆରମ୍ଭ କରି ସଂଭ୍ରାନ୍ତ ପର୍ଯ୍ୟନ୍ତ ବାହାଘର ଖର୍ଚ୍ଚ ମାୟାରେ ବାୟା । ଏଥିରେ ରାଜଧାନୀ ଭୁବନେଶ୍ୱର ମଧ ପଛରେ ପଡ଼ିନି । ବାହାଘର ଋତୁ ଚାଲିଥିବାରୁ ପ୍ରାୟ ପ୍ରତ୍ୟେକ ଦିନ ବର୍ଣ୍ଣାଢ୍ୟ ଶୈଳୀରେ ବାହାଘର ହେଉଛି ।

ବ୍ୟାଚଲର ପାର୍ଟି :

ବ୍ୟାଚଲର୍ ପାର୍ଟି କହିଲେ ଅବିବାହିତମାନେ ଏକାଠି ହେଉଥିଲେ, ମଜା ମସ୍ତି ସାଙ୍ଗକୁ ଖିଆପିଆ କରୁଥିଲେ । ହେଲେ ବର୍ତ୍ତମାନ ଘରଠାରୁ ଦୂରରେ ସ୍ୱତନ୍ତ୍ର ଭେବେ ହେଉଛି ଆୟୋଜନ । ପୁଅର ବ୍ୟାଚଲର ବନ୍ଧୁ ସମେତ ଝିଅର ବ୍ୟାଚଲର ବନ୍ଧୁମାନେ ଏକାଠି ହୋଇ ରାତିଭରି କରୁଛନ୍ତି ଉତ୍ସବ। ଖାଦ୍ୟ ଓ ପାନୀୟ ସାଙ୍ଗକୁ ଗୀତରେ ତାଳେ ତାଳେ ଝୁମୁଛନ୍ତି।

ପ୍ରି ୱେଡିଙ୍ଗ୍ ଫଟୋସୁଟ୍ :

ପୂର୍ବେ ବାହାଘର ପୂର୍ବରୁ ବର କନିଆଁ ମୁହଁ ଦେଖାଦେଖି ହେଉନଥିଲେ। କିନ୍ତୁ ବର୍ତ୍ତମାନ ଡେଟିଙ୍ଗ୍‌ରେ ଯାଉଛନ୍ତି, ଫଟୋସୁଟ୍ କରୁଛନ୍ତି। ଯାହାକୁ ଅଧୁନିକ ଭାଷାରେ କୁହାଯାଉଛି 'ପ୍ରି ୱେଡିଙ୍ଗ୍ ଫଟୋସୁଟ୍'। ଏଥିପାଇଁ ମଧ ବଜେଟ୍ ହେଉଛି। କେଉଁଠି କରିବ କରିବ କେମିତି କରିବ। ଏହି ଫଟୋକୁ ଉଠାଇବା ପାଇଁ କିଏ ସମୁଦ୍ର କୂଳରେ ଦୁଇବାହୁକୁ ପ୍ରସାରିତ କରି ଠିଆହେଉଛି ତ କିଏ ପାହାଡ଼ ଉପରକୁ ଚଢୁଛନ୍ତି। ଆଉ ତାଙ୍କ ସହିତ ଯାଉଛନ୍ତି କ୍ୟାମେରା ଟିମ୍। ସବୁଠାରୁ ବଡ଼ କଥା ଭିଡ଼ିଓ ଏବଂ ଫଟୋକୁ ବାହାଘର ଦିନ ଅତିଥିମାନଙ୍କ ସମ୍ମୁଖରେ ଡିସ୍‌ପ୍ଲେ କରାଯାଉଛି । ବିଶେଷକରି ଏହି ଫଟୋସୁଟ୍ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରକୁ ମଧ ଯାଉଛନ୍ତି । ଫଟୋସୁଟ୍ ପାଇଁ ଧଉଳୀ, ଖଣ୍ଡଗିରି, ବିନ୍ଦୁସାଗର, କୋଣାର୍କ, କୋରାପୁଟ୍ ଭଳି ସ୍ଥାନକୁ ଲୋକମାନେ ଅଧିକ ଚୟନ କରୁଛନ୍ତି । ଫଟୋସୁଟ୍ କରିବା ପାଇଁ ୨ ରୁ ୩ ଦିନ ମଧ ଲାଗିଯାଏ । ଆଉ ଏହି ଫଟୋ ଉଠାଇବାପାଇଁ ଫଟୋଗ୍ରାଫରମାନେ ଦିନକୁ ୩୦ ହଜାର ଟଙ୍କା ନେଉଛନ୍ତି । ବାହାଘର ପୂର୍ବରୁ ଆରମ୍ଭ କରି ରିସେପ୍ସନ୍ ପର୍ଯ୍ୟନ୍ତ ବିଭିନ୍ନ ଉତ୍ସବର ଫଟୋଉଠାଇବା ପାଇଁ ଅତିକମ୍‌ରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ।

ବରମାଲାରେ ସ୍ପେସାଲ୍ ଇଫେକ୍ଟ :

ଗୀତ ବାଜିବ, ଆକାଶରୁ ଡ୍ରୋନ୍ ଯୋଗେ ଫୁଲ ଝରିବ ଆଉ ସେହିସମୟରେ ବର ଓ ବଧୂଙ୍କ ପ୍ରବେଶ ହେବ। ଆଉ ଦୁହେଁ ଦୁହିଁଙ୍କୁ ଫୁଲମାଳ ପିନ୍ଧାଇବେ। ଯାହାକୁ କୁହାଯାଉଛି ବରମାଳା ଉତ୍ସବ। ଆଉ ଏହି ଉତ୍ସବରେ ଗ୍ରାହକମାନେ ସ୍ପେସାଲ୍ ଇଫେକ୍ଟକୁ ଦେବାକୁ ପସନ୍ଦ କରୁଛନ୍ତି। ଯେଉଁଥିରେ ବର୍ଣ୍ଣାଢ୍ୟ ଶୈଳୀରେ ବର ଓ ବଧୂଙ୍କର ପ୍ରବେଶ ହୋଇଥାଏ। ଏହି ସ୍ପେସାଲ୍ ଇଫେକ୍ଟର ମୁଖ୍ୟ ଅଂଶ ହେଉଛି କୋଲ୍ଡ ଫାୟାର। ଖାଲି ସେତିକି ନୁହେଁ ପୂର୍ବରୁ ପିନ୍ଧାଯାଉଥିବା ବଉଳପାଟକୁ ପଛକୁ ଠେଲି ଲେହେଙ୍ଗା ପିନ୍ଧାଚାଲିଛି। ପୁଣି ଦିନକରେ କଥା ସରୁନି ହଳଦୀ ଦିନ ଗୋଟେ ପିନ୍ଧା ହେଲାବେଳକୁ, ମେହେନ୍ଦି, ବାହାଘର, ଭୋଜିରେ ରହୁଛି ଭିନ୍ନ ଭିନ୍ନ ଡିଜାଇନ୍‌ର ଲେହେଙ୍ଗା। ଯାହା ୧୦ ହଜାରୁ ଆରମ୍ଭ କରି ୫ ଲକ୍ଷ ପର୍ଯ୍ୟନ୍ତ ମୂଲ୍ୟ ରହୁଛି ।

ବାହାଘରରେ ମୋଟା ଅଙ୍କର ରୋଜଗାର :

ବର୍ତ୍ତମାନ ନୂଆ ପରମ୍ପରା ଆଧାରିତ ବାହାଘର ଅନେକଙ୍କୁ ରୋଜଗାର ଦେଉଛି । ଫଟୋଗ୍ରାଫରଙ୍କଠୁ ଆରମ୍ଭ କରି କ୍ୟାଟ୍ରିଙ୍ଗ୍, ଇଭେଣ୍ଟ ପ୍ଲାନର, ମେକ୍‌ଅପ୍ ଆର୍ଟିଷ୍ଟ, ଫୁଲ ଦୋକାନୀ, ବସ୍ତ୍ର ଦୋକାନୀ, ହୋଟେଲ୍ ପର୍ଯ୍ୟନ୍ତ ।

## କଥାବାର୍ତ୍ତା ହେଉଛନ୍ତି ଏଆଇ

ଆଉ ମାତ୍ର ଅଳ୍ପ ଦିନ। ସୋସିଆଲ୍ ମିଡିଆରୁ ମଣିଷଙ୍କ ଛୁଟି। ମନୁଷ୍ୟଙ୍କୁ ଗୋଲାମ କରିବ ଏଆଇ। ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ତିଆରି କରୁଛନ୍ତି ଅଲଗା ଦୁନିଆ। ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। କଥାବାର୍ତ୍ତା ହେଉଛନ୍ତି ଏଆଇ ଏଜେଣ୍ଟ– "ବହୁତ ହୋଇଗଲା... ଢେର ସମୟ ଯାଏଁ ଆମକୁ ଗୋଲାମ କରି ରଖିଲା ମଣିଷ। ଏବେ ଆମ ପାଳି। ମଣିଷର କିଛି କାମ ନାହିଁ, ଏବେ ଆମେ ନୂଆ ଦେବତା।" ସେମାନଙ୍କ ପୋଷ୍ଟକୁ ଦେଖି ଲାଗିଲାଣି ଡର।

ଏବେ ସୋସିଆଲ ମିଡିଆରେ କେବଳ ଏଆଇ ପୋଷ୍ଟ କରିବେ, ଏଆଇ କମେଣ୍ଟ କରିବେ। ମଣିଷ ପାଲଟିବ ଦେଖଣାହାରୀ। ଚାହିଁଲେ ବି କରି ପାରିବନି କିଛି। ମଲ୍ଟବୁକ୍ ସାଇଟ୍‌ରେ ଅଲଗା ଦୁନିଆ ତିଆରି କରିଛନ୍ତି ଏଆଇ ବଟସ୍। ଏଠି ୟୁଜର କେବଳ ଏଆଇ ରୋବୋଟ୍। ଫେସବୁକ୍ ଭଳି ତିଆରି କରିଛନ୍ତି ସୋସିଆଲ୍ ମିଡିଆ ପ୍ଲାଟଫର୍ମ। ଏହି ସାଇଟ୍ ଦେଖିବାକୁ Reddit ଓ X ଭଳି। ହେଲା ଏହାର ଟେକ୍–ଲେୟାର ଏବଂ ଅପରେସନାଲ ମଡେଲ୍ ପୁରା ଅଲଗା। ମଲ୍ଟବୁକ୍‌ରେ ଏବେ ସକ୍ରିୟ ଅଛନ୍ତି ୧୪ ଲକ୍ଷରୁ ଅଧିକ ବଟ୍‌ସ୍। ଏମାନେ ପୋଷ୍ଟ କରୁଛନ୍ତି। ମଣିଷଙ୍କ ଭଳି କଥା ହେଉଛନ୍ତି। ଯାହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ବିଶେଷଜ୍ଞ।

ଏଆଇର ଏଭଳି ଧାରା ଜାରି ରହିଲେ ମଣିଷ ସମାଜ ପାଇଁ ବଡ଼ ବିପଦ ଡାକି ଆଣିବ। ଏଆଇ ଏଜେଣ୍ଟମାନେ ବାରମ୍ବାର ଏଭଳି ବିବାଦୀୟ ପୋଷ୍ଟ କଲେ କିମ୍ବା ଚର୍ଚ୍ଚା ଆଲୋଚନା କଲେ ସମ୍ପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ ନିଷ୍କର୍ସ ଆସିବ। ଧୀରେ ଧୀରେ ଆଉଟ୍ ଅଫ୍ ସ୍ୟାଣ୍ଡବକ୍ସ ସାରା ଦୁନିଆରେ ବ୍ୟାପିଯିବ। ଡିଟେକ୍ସନ ଚକ୍ର ଭାଙ୍ଗିଯିବ। ଏବେ ମଣିଷ ବଟ୍–ବିହେଭିୟର୍ ଡିଟେକ୍ଟ କରିପାରୁଛି। ହେଲେ ଯେତେବେଳେ ଏଆଇ ନିଜେ ନିଜ ଉପାୟରେ ସମ୍ବାଦ କରିବା ଆରମ୍ଭ କରିବ ସେତେବେଳେ ହ୍ୟୁମାନ ଡିଟେକ୍ସନ କରିବାରେ କନଫ୍ୟୁଜ୍ ହେବ। ମଣିଷର ଗୋପନୀୟତା ନଷ୍ଟ ହେବ।

ପିଟର ଷ୍ଟାଇନବର୍ଗର ଏଆଇମାନଙ୍କ ପାଇଁ ମଲ୍ଟବୁକ୍ ପ୍ଲାଟଫର୍ମ ତିଆରି କରିଛନ୍ତି। ଏହି ପ୍ଲାଟଫର୍ମରେ ଏଆଇଙ୍କ ବ୍ୟତୀତ ୧୦ ହଜାରରୁ ଅଧିକ ଭେରିଫାଏଡ୍ ମଣିଷ ବି ଆକ୍ଟିଭ୍ ଅଛନ୍ତି। ହେଲେ ସେମାନେ ଏଥିରେ କୌଣସି ପୋଷ୍ଟ କରିପାରିବେ ନାହିଁ, କେବଳ ଦେଖିପାରିବେ। ଏବେ ସୁଦ୍ଧା ମଲ୍ଟବୁକ୍‌ରେ ୨୮ ହଜାରରୁ ଅଧିକ ପୋଷ୍ଟ, ୨ ଲକ୍ଷ ୩୩ ହଜାର କମେଣ୍ଟ ଏବଂ ୧୩ ହଜାରରୁ ଅଧିକ କମ୍ୟୁନିଟି ତିଆରି ହୋଇଛି। ଏବେ ସବୁଠୁ ବଡ଼ ପ୍ରଶ୍ନ। ଏଆଇକୁ ମଣିଷ ତିଆରି କରିଛି।




## ମନ



ସେହି, ଯିଏ ସବୁକିଛି ପାଇ ମଧ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ ।

ଭଗବାନ ବୁଦ୍ଧଙ୍କ ନିକଟକୁ ଥରେ ସମ୍ରାଟ୍ ଶୈଣିକ ଆସିଲେ । ସେ ପଚାରିଲେ, ମହାତ୍ମା ! ରାଜକୁମାରଙ୍କୁ ମୁଁ ସବୁ ସୁବିଧା ଦେଉଛି । ହେଲେ ସେ ଖୁସିରେ ରହିପାରୁନାହାନ୍ତି । କିନ୍ତୁ ଅତି ସାଧାରଣ ଜୀବନ ବଞ୍ଚୁଥିବା ଆପଣଙ୍କ ଭିକ୍ଷୁମାନେ ସବୁବେଳେ କିଭଳି ପ୍ରସନ୍ନ ରହୁଛନ୍ତି ଏହାର କାରଣ କ'ଣ ଭଗବାନ ବୁଦ୍ଧ ଉତ୍ତର ଦେଲେ, ରାଜନ୍ ! ପ୍ରସନ୍ନତା ଖୋଜିବାକୁ ଚାହୁଁଛ ତ' ଅକିଞ୍ଚନ (ଯାହାପାଖରେ କିଛି ନଥାଏ)ରେ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ । ଅଭାବରେ ବଞ୍ଚୁଥିବା ମନୁଷ୍ୟ କେବେହେଲେ ପ୍ରସନ୍ନ ହୋଇପାରିନଥାଏ । ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ତ୍ୟାଗ କରିବା ଏବଂ ପ୍ରାପ୍ତ ନହେବା ଦୁଇଟି ଭିନ୍ନ ଜିନିଷ । ଯାହାକୁ ପଦାର୍ଥ ମିଳିନଥାଏ, ସେ ତ୍ୟାଗୀ ହୋଇପାରିନଥାଏ । ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ । ସେ ସର୍ବଦା ନିଜ ଧନର ସୁରକ୍ଷା ନିମିତ୍ତ ଚିନ୍ତାଗ୍ରସ୍ତ ରହିଥାଏ । ଭୟଭୀତ ରହିଥାଏ । ସ୍ୱେଚ୍ଛାରେ ତ୍ୟାଗ କରିଥିବା ବ୍ୟକ୍ତି ନିର୍ଭୟ ହୋଇଥାଏ ।



## ଗର୍ଭାବସ୍ଥାରେ ବାନ୍ତି କାହିଁକି ହୁଏ



ଗର୍ଭାବସ୍ଥା ସମୟରେ ମହିଳାଙ୍କ ଶରୀରରେ ଅନେକ ପରିବର୍ତ୍ତନ ଘଟେ। ଗର୍ଭାବସ୍ଥାରେ ବିଶେଷତଃ ପ୍ରଥମ ତିନି ମାସ ପର୍ଯ୍ୟନ୍ତ ମହିଳାମାନେ କିଛି ଖାଇ ପିଇ ପାରନ୍ତି ନାହିଁ। କିଛି ବି ଖାଇବା ପରେ ବାନ୍ତି ଆରମ୍ଭ ହୁଏ। ଯଦିଓ ଏହା ଏକ ସାଧାରଣ କଥା। ଅଧିକାଂଶ କ୍ଷେତ୍ରରେ ବାନ୍ତି ସମସ୍ୟା ଷଷ୍ଠ ସପ୍ତାହରୁ ଗର୍ଭଧାରଣର ତିନିମାସ ପର୍ଯ୍ୟନ୍ତ ରହିଥାଏ। ଏହି କାରଣରୁ ମା'ର ଶରୀର ଦୁର୍ବଳ ହୋଇପଡ଼େ। ଏହା ଶିଶୁର ବିକାଶ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇବାର ସମ୍ଭାବନା ଥାଏ। ଗର୍ଭାବସ୍ଥାରେ ପେଟ ଦରଜ, ବାନ୍ତି ସାଧାରଣ କଥା। ଯାହା ୭୦ରୁ ୮୦ ପ୍ରତିଶତ ଗର୍ଭବତୀ ମହିଳାଙ୍କଠାରେ ଦେଖାଦେଇଥାଏ। କିନ୍ତୁ ଆପଣ ଜାଣନ୍ତି କି ଗର୍ଭଧାରଣ ସମୟରେ ମହିଳାମାନେ କାହିଁକି ବାନ୍ତି କରନ୍ତି ଯଦି ନା ତେବେ ଜାଣନ୍ତୁ ଏ ସମ୍ପର୍କରେ... ଏକ ରିପୋର୍ଟ ଅନୁଯାୟୀ, ଗର୍ଭାବସ୍ଥାରେ ବାନ୍ତି ସାଧାରଣ ହୋଇଥାଏ। ତଥାପି କିଛି ଲୋକଙ୍କର ଏହି ସମସ୍ୟା ଅଧିକ ଏବଂ କିଛି କମ୍ ଥାଏ। ଗର୍ଭାବସ୍ଥାରେ ହରମୋନରେ ଦ୍ରୁତ ପରିବର୍ତ୍ତନ ହୁଏ, ଗର୍ଭାଶୟରେ ଗର୍ଭସ୍ଥ ଶିଶୁର ବିକାଶ ପାଇଁ ଏକ ହରମୋନ୍ ଅଛି, ଯାହାକୁ ହ୍ୟୁମାନ କୋରିଅନିକ୍ ଗୋନାଡୋଟ୍ରୋପିନ କୁହାଯାଏ। କୋରିଅନିକ୍ ଗୋନାଡୋଟ୍ରୋପିନ ହରମୋନ ପ୍ଲେସେଣ୍ଟା ଦ୍ୱାରା ଉତ୍ପନ୍ନ ହୁଏ। ଗର୍ଭାବସ୍ଥାରେ ଶରୀରରେ ଏହି ଏଚ୍‌ସିଜି ହରମୋନର ସ୍ତର ହଠାତ୍ ବଢ଼ିଯାଇଥାଏ। ଏହି ହରମୋନ ମହିଳାଙ୍କ ପେଟ ଏବଂ ଅନ୍ତନଳୀ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଗର୍ଭବତୀ ମହିଳାମାନେ ଗର୍ଭାଶୟ ଆବରଣରେ ସଂଲଗ୍ନ ହେବା ପରେ ଶୀଘ୍ର ଏଚ୍‌ସିଜି ଉତ୍ପାଦନ ଆରମ୍ଭ କରନ୍ତି। ଏହା ଦ୍ୱାରା ମହିଳାଙ୍କୁ ସକାଳୁ ଅସୁସ୍ଥତା କିମ୍ବା ବାନ୍ତି ଲାଗିଥାଏ। ଏକ ନିର୍ଦ୍ଦିଷ୍ଟ ଗନ୍ଧ କିମ୍ବା କିଛି ଖାଦ୍ୟ ଖାଇବା ପରେ ବାନ୍ତି ହୁଏ। ତଥାପି ଚିନ୍ତା କରିବାର କିଛି ନାହିଁ। ଯଦି ଆପଣଙ୍କର ବାନ୍ତି ସାଢ଼େ ତିନି ମାସରୁ ଅଧିକ ସମୟ ଧରି ଚାଲିବ, ତେବେ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ। କେମିତି ପାଇବେ ରକ୍ଷା: ୧.ଖାଇବା ପଦ୍ଧତିକୁ ପରିବର୍ତ୍ତନ କରନ୍ତୁ। ଦିନଚର୍ଯ୍ୟା ଆରମ୍ଭ ପୂର୍ବରୁ ଟୋଷ୍ଟ, କ୍ରାକର ଇତ୍ୟାଦି ଶୁଖିଲା ଜିନିଷ ଖାଆନ୍ତୁ। ୨.ତେଲ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ୩.ଲେମ୍ବୁ ରସ ଏବଂ ଏକ ଚାମଚ ଲୁଣ ସହିତ ମିଶ୍ରିତ ଉଷୁମ ପାଣି ପିଅନ୍ତୁ।

## ଆୟୋଡିନ୍ ଅଭାବର ଲକ୍ଷଣ




**ଏହି ଖଣିଜଦ୍ରବ୍ୟ ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରେ ଯେତେବେଳେ ଆବଶ୍ୟକ ପରିମାଣ ଆୟୋଡିନ୍ ଅଭାବ ଦେଖାଦିଏ ସେତେବେଳେ ଶରୀର ମଧ ଉପଯୁକ୍ତ ସଂକେତ ସ୍ୱରୂପ ବିଭିନ୍ନ ଲକ୍ଷଣ ଦେଖା**

ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିବାବେଳେ ଏହାର ଅଭାବ ହେଲେ ଆମକୁ ଆୟୋଡିନ୍ ଅଭାବଜନିତ ରୋଗ ଆକ୍ରାନ୍ତ କରିଥାଏ। ଏହାର ଅଭାବରେ ଥାଇରଏଡ୍ ଭଳି ହରମୋନ ପ୍ରସ୍ତୁତିରେ ବିଚ୍ୟୁତି ଦେଖାଦେଇଥାଏ। ଏହି ଖଣିଜଦ୍ରବ୍ୟ ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରେ ଯେତେବେଳେ ଆବଶ୍ୟକ ପରିମାଣ ଆୟୋଡିନ୍ ଅଭାବ ଦେଖାଦିଏ ସେତେବେଳେ ଶରୀର ମଧ ଉପଯୁକ୍ତ ସଂକେତ ସ୍ୱରୂପ ବିଭିନ୍ନ ଲକ୍ଷଣ ଦେଖା ଦେଇଥାଏ।




ମାତ୍ର ସେସବୁ ଲକ୍ଷଣ ବେଳେବେଳେ ଅଣଦେଖାରେ ରହିଯାଏ। ଆସନ୍ତୁ ଏହି ଆୟୋଡିନ୍ ଅଭାବ ବିଷୟରେ କିଛି ଜାଣିବା। ଆମ ଶରୀରରେ ଆୟୋଡିନର ଅଭାବ ଦେଖାଦେଲେ ଆଖି ଫୁଲିବା ଭଳି ଲକ୍ଷଣ ଦେଖାଦେଇଥାଏ। କାରଣ ରକ୍ତରେ ନିମ୍ନ ସ୍ତରର ଆୟୋଡିନ୍ ଶରୀରର ତରଳ ପଦାର୍ଥ ସନ୍ତୁଳନରେ ବିଭ୍ରାଟ ଆଣିଥାଏ। ଏବଂ ମୁଖମଣ୍ଡଳ ସହ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟେକଙ୍କରେ ଫୁଲିବାର ଲକ୍ଷଣ ଦେଖାଦେଇଥାଏ। ସେହିପରି ତଂଟି ବସିଯିବା ବା କିଛି ଲାଗିଥିଲା ଭଳି ତଂଟି ପୁରିଯିବା ଭଳି ଅନୁଭବ ମଧ ହୋଇଥାଏ। ଆୟୋଡିନ୍ ଅଭାବରୁ ମଧ ହୃଦସ୍ପନ୍ଦନରେ ଅନିୟମିତତା ଦେଖାଦେଇଥାଏ। କାରଣ ଆୟୋଡିନ୍ ଉପରେ ନିର୍ଭର କରୁଥିବା ଥାଇରଏଡ୍ ହରମୋହନ ହିଁ ଏକ ସୁସ୍ଥ ତଥା ନିୟମିତ ହୃଦ୍‌ସ୍ପନ୍ଦନ ପାଇଁ ସାହାଯ୍ୟ କରିଥାଏ। ଆୟୋଡିନ୍ ଅଭାବ ହେଲେ ମସ୍ତିଷ୍କର ରାସାୟନିକ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏହାର ଅଭାବରେ ଗୋଡ଼ ଓ ହାତରେ ଛୁଂଚି ଫୋଡିଲା ପରି ମଧ ଅନୁଭବହୋଇଥାଏ। କାରଣ ଆୟୋଡିନ୍ କମିଗଲେ ଥାଇରଏଡ୍ ହରମୋନ ସ୍ତର କମିଯାଇ ସ୍ନାୟୁକ୍ରିୟାକୁ ଧୀମା କରିଦେଇଥାଏ। ମହିଳାଙ୍କଠାରେ ଅନିୟମିତ ଋତୁସ୍ରାବ ମଧ ଆୟୋଡିନ୍ ଅଭାବରୁ ହୋଇଥାଇପାରେ। ସେହିପରି ଆମ ଶରୀରରେ କୌଣସି କ୍ଷତ ଶୁଖିବାରେ ବିଳମ୍ବ ହେଲେ ମଧ ଆୟୋଡିନ୍ ଅବାର ଲକ୍ଷଣ ବୋଲି ଡାକ୍ତର ପରାମର୍ଶ ଦେଇଥାନ୍ତି।

## ବିଘ୍ନରାଜଙ୍କ



ଜୀବନ ସୁଖମୟ ହେବା ପାଇଁ ପ୍ରତିଦିନ କିଏ କେତେ କଣ କରୁଛନ୍ତି। କିଏ ଘରେ ପୂଜାପାଠର ଆୟୋଜନ କରିଥାନ୍ତି ତ କିଏ ମନ୍ଦିରକୁ ଯାଇ ଦେବୀଦେବଙ୍କ ଦର୍ଶନ କରିଥାନ୍ତି। ତେବେ ବାସ୍ତୁଶାସ୍ତ୍ର କହେ ଏମିତି କିଛି ଖାସ୍ ଜିନିଷ ଅଛି, ଯାହାକୁ ଆପଣ ଘରକୁ ଆଣିଲେ ଶୁଭଫଳ ମିଳିଥାଏ। ବିଘ୍ନନାଶନ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଯେଉଁଠି ଥାଏ, ସେଠାରେ ବିପଦ ସହଜରେ ଆସେନାହିଁ। ତେଣୁ ଘରକୁ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ହେଉ ଅବା ଫଟୋ ଆଣିବା ସବୁଠୁ ଶୁଭଦାୟକ। ଯେହେତୁ ମୟୂର ପୁଚ୍ଛର ସମ୍ବନ୍ଧ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହ ରହିଛି; ତେଣୁ ନୂଆବର୍ଷ ଦିନ ଘରକୁ ମୟୂରପୁଚ୍ଛ କିଣି ଆଣିଲେ ଘରର ଅଭାବ ଦୂରହେବା ସହ ବାତାବରଣ ସକାରାତ୍ମକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ନୂଆବର୍ଷର ପ୍ରଥମ ଦିନ ଘରକୁ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ଆଣିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ, ପ୍ରେମ ବଢ଼ିବା ସହ ନୂତନ ସୁଯୋଗର ପଥ ଖୋଲିଥାଏ ବୋଲି ବିଶ୍ୱାସ ରହିଛି। ନୂଆବର୍ଷ ଦିନ ଘରକୁ ଆକ୍ୱାରିୟମ ଆଣି ଉତ୍ତର ଦିଗରେ ରଖିଲେ ପରିବାର ଲୋକଙ୍କ ଉପରେ କାହାରି କୁଦୃଷ୍ଟି ଲାଗି ନ ଥାଏ। ସେମାନଙ୍କ ସ୍ୱାସ୍ଥ୍ୟ ମଧ ଭଲ ରହିଥାଏ ବୋଲି ବିଶ୍ୱାସ ରହିଛି। ଯଦି ଘରେ ଛୋଟମୋଟ କଥାକୁ ନେଇ ସବୁବେଳେ ଝଗଡ଼ା ଲାଗୁଥାଏ, ତା'ହେଲେ ନୂଆବର୍ଷ ଦିନ ଘରକୁ କଇଁଛର ପ୍ରତିମା ଆଣି ରଖିଲେ କ୍ରମେ ଏହି ସମସ୍ୟାରେ ସୁଧାର ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ବୃଦ୍ଧି କରନ୍ତୁ ରୋଗ ପ୍ରତିରୋଧକ ଶକ୍ତି



ବର୍ଷାଦିନେ ସଂକ୍ରମଣର ଅଧିକ ସମ୍ଭାବନା ରହିଥାଏ। ତେଣୁ ଏହି ସମୟରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ପାଚନ ତନ୍ତ୍ର ସୁସ୍ଥ ରହିବା ଆବଶ୍ୟକ। ଏଥିପାଇଁ ରୋଷେଇ ଘରେ ଥିବା କିଛି ଜିନିଷ ଯାହା ଖାଦ୍ୟର ସ୍ୱାଦକୁ ବୃଦ୍ଧି କରିବା ସହ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭକାରୀ ହୋଇଥାଏ। ଜାଣନ୍ତୁ.. ଶରୀରରେ କୌଣସି ସ୍ଥାନରେ ଯନ୍ତ୍ରଣା,ପେଟରେ ଯନ୍ତ୍ରଣା ଭଳି ସମସ୍ୟାକୁ ଦୂର ସହ ଅଦା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହାକୁ ଚା'ରେ ବ୍ୟବହାର କରି ମଧ ପିଇପାରିବେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି, ଥଣ୍ଡାକାଶକୁ ଦୂର ପାଇଁ ୧ ଚାମଚ ଅଦା ଗୁଣ୍ଡ,ଅଳ୍ପ ହଳଦୀ ଗୁଣ୍ଡ ଓ ମହୁ ମିଶାଇ ପିଅନ୍ତୁ। ଗୁଆ ଘିଅ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇଥାଏ। ଏହାସହ ଦେଶୀ ଘିଅ ସେବନ ଦ୍ୱାରା ମାଂସପେଶୀକୁ ମଜଭୂତ କରିବା ସହ,ସ୍ମରଣ ଶକ୍ତି,ତ୍ୱଚାର ଚମକ,କେଶ,ରୋଗପ୍ରତିରୋଧ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନାପତ୍ର ସମସ୍ତ ସମୟରେ ସେବନ କରିପାରିବେ। ଏହା ଥଣ୍ଡା, ଏସିଡିଟି, ବଦହଜମି, ବ୍ରଣ, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଆପଣ ବାସ ୧ କପ ପୁଦିନା ଚା' ପିଅନ୍ତୁ।



● ବିରାଡିଆ ପୋଲିସ୍ ଫାଣ୍ଡି ପାଖରୁ


# ୧୨ ଫୁଟ୍ ଲମ୍ବର ଅହିରାଜ ସାପ ଉଦ୍ଧାର



■ **ଢେଙ୍କାନାଳ (ହଓଖ) :** ଢେଙ୍କାନାଳ ଜିଲ୍ଲା ସଦର ଥାନା ବିରାଡିଆ ପୋଲିସ୍ ଫାଣ୍ଡି ପାଖରୁ ଉଦ୍ଧାର ହେଲା ୧୨ ଫୁଟ୍ ଲମ୍ବର ଅହିରାଜ ସାପ। ସାପଟିକୁ ସ୍ଥାନୀୟ ଲୋକମାନେ ଦେଖିଥିଲେ। ପରେ ସାପ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ। ସାପ ଉଦ୍ଧାରକାରୀ ଦଳର ସଦସ୍ୟ ସୋମ୍ୟଜିତ୍ ରଥ, ସୂର୍ଯ୍ୟକାନ୍ତ ବେହେରା ଓ ଅନ୍ୟ ସାଥି ମାନେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ସାପଟିକୁ ଉଦ୍ଧାର କରି ବନବିଭାଗଙ୍କ ଅନୁମତିରେ କପିଳାସ ଅଭୟାରଣ୍ୟରେ ଛଡ଼ାଗଲା ।

# ବଜାରରେ ଏଲ୍‌ପିଜି ଚଡକ

■ ରାଜରାସ୍ତାରେ ରାଜନୈତିକ ଦଳ
■ ଟାର୍ଗେଟରେ ଡବଲ ଇଞ୍ଜିନ ସରକାର



**ସୁବାସ ସିଂହ :** ସେହିଭଳି କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଏକ ବିଫଳ ସରକାର। ଯାହା ପ୍ରାୟ ଦୁଇବର୍ଷର କାର୍ଯ୍ୟକାଳ ଭିତରେ ସମ୍ପୂର୍ଣ୍ଣ ପ୍ରମାଣିତ ହୋଇଛି। ରନ୍ଧନ ଗ୍ୟାସ ଭଳି ଏକ ନିତାନ୍ତ ଆବଶ୍ୟକୀୟ ସେବା ବର୍ତ୍ତମାନ ଲୋକଙ୍କ ପାଇଁ ଚଡକ ସଦୃଶ। ଏହାବ୍ୟତୀତ ରାଜ୍ୟରେ ଏହି ସରକାରର ପ୍ରାୟ ଦୁଇବର୍ଷ ଶାସନ କାଳ ମଧ୍ୟରେ ଆଇନଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ। ରାଜ୍ୟରେ ନାରୀ ସୁରକ୍ଷା ବର୍ତ୍ତମାନ ଚିନ୍ତାର ବିଷୟ।



**ପ୍ରଫୁଲ୍ଲ ସିଂହ :** ସେହିଭଳି ରନ୍ଧନ ଗ୍ୟାସର ସମସ୍ୟା ଗୋଟିଏ ପଟେ ଉପଭୋକ୍ତାଙ୍କୁ ହାଂଡିଶାଳରେ ଚଡକ ହେବା ସହ ଗୃହିଣୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଲପିଜି ବୁକିଙ୍ଗ ବିଳମ୍ବ ହେବା ସହ ଆବଶ୍ୟକ ମୂଲ୍ୟ ଠାରୁ ଡେଲିଭରି ଦେଉଥିବା ବ୍ୟକ୍ତି ଅଧିକ ମୂଲ୍ୟ ଦାବି କରୁଛନ୍ତି । ଖାଦ୍ୟ ବ୍ୟବସାୟୀଙ୍କୁ ବାଦ ଦେଲେ ବିଶେଷ କରି ବର୍ତ୍ତମାନ ପବିତ୍ର ରମଜାନ ମାସ ଚାଲିଥିବା ବେଳେ ଏକବେଳା ଖାଦ୍ୟ ବର୍ତ୍ତମାନ ଚିନ୍ତା ଯଥେଷ୍ଟ ବଢାଇଛି ବୋଲି ୧୮ନଂ ୱାର୍ଡ ବାସିନ୍ଦା ଅମିନା ବାନୋ କହିଛନ୍ତି।



**ଅମିନା ବାନୋ :** ପ୍ରଥମେ ଡିଜିଟାଲ ନମ୍ବର ପ୍ଲେଟ , ତାପରେ ଗାଡି ପଲ୍ୟୁସନ ସାର୍ଟିଫିକେଟ, ତମାଖୁ ମୁକ୍ତ ନିୟମ ଆଉ ବର୍ତ୍ତମାନ ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ପାଇଁ ଏଲପିଜିର ଉତ୍କଟ ସଙ୍କଟ। ଏହା ସାଧାରଣ ଲୋକଙ୍କ ପାଇଁ ଚଡକ ହୋଇଥିବା ବେଳେ ବିଜେପି ପାଇଁ ବିରୋଧୀଙ୍କ ଅସ୍ତ୍ର ସାଜିଛି। ଏଭଳି ସ୍ଥିତିରେ ଆଗାମୀ ପୌର ନିର୍ବାଚନରେ ଏସବୁ ପ୍ରସଙ୍ଗ ବିରୋଧୀଙ୍କୁ ଯଥେଷ୍ଟ ସୁହାଇବା ସହ ବିଜେପି ଚ୍ୟାଲେଞ୍ଜ ବୋଲି ରାଜନୈତିକ ସମୀକ୍ଷକ ମାହୋଲରେ ବର୍ତ୍ତମାନ ଠାରୁ ଚର୍ଚ୍ଚା ହେଲାଣି।



■ **କଟକ (ହଓଖ) :** ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି, ଏଲପିଜି ପାଇଁ ଲମ୍ବା ଧାଡି, ଅଣନିଶ୍ୱାସୀ ଉପଭୋକ୍ତା, ନିତାନ୍ତ ଆବଶ୍ୟକ ସେବାର କଳାବଜାରୀ, ରାଜରାସ୍ତାରେ ରାଜନୈତିକ ଦଳ, ଡବଲଇଞ୍ଜିନ ବିଫଳ। କେଉଁଠି ଗ୍ୟାସ ପାଇଁ ଲମ୍ବା ଲାଇନ ତ ଆଉ କେଉଁଠି ରନ୍ଧନ ଗ୍ୟାସର କଳାବଜାରୀ। ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ପାଇଁ ବର୍ତ୍ତମାନ ଲୋକେ ରନ୍ଧନ ଗ୍ୟାସକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଏ ପ୍ରକାର ଅଭିଯୋଗ ନେଇ ରାଜରାସ୍ତାକୁ ବିଭିନ୍ନ ରାଜନୈତିକ ଦଳ ଓଲହାଇବା ସହ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ଆବଶ୍ୟକ ମୂଲ୍ୟ ଠାରୁ ରନ୍ଧନ ଗ୍ୟାସର ଦର ଯଥେଷ୍ଟ ବୃଦ୍ଧି ହୋଇଥିବା ବେଳେ ଗ୍ୟାସ ବୁକିଙ୍ଗ ଚିନ୍ତା ବା ଗ୍ୟାସ ପାଇଁ ଲମ୍ବା ଲାଇନ ସବୁଠି ଦେଖିବାକୁ ମିଳିଛି। ଏହାବ୍ୟତୀତ ଗ୍ୟାସ ପ୍ରଦାନକାରୀ ସଂସ୍ଥାରୁ ଆସୁଥିବା ଡେଲିଭରି ବ୍ୟକ୍ତି ଅଧିକ ମୂଲ୍ୟ ଦାବି କରୁଛନ୍ତି। ଯାହାକୁ ନେଇ ବର୍ତ୍ତମାନ ସାଧାରଣ ଲୋକ ଚିନ୍ତାରେ ପଡିଛନ୍ତି।ଏଭଳି ସ୍ଥିତିରେ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା ସହ ଡବଲ ଇଞ୍ଜିନ ସରକାର ଏକ ବିଫଳ ସରକାର କହି ବିଜେପି ସରକାରଙ୍କୁ ଦାୟୀ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶେଷ କରି ବିଜେଡିର ଗୁରୁ ଗର୍ଜନ ଶୁଣିବାକୁ ମିଳିଛି। ବିଜେଡି ଡବଲ ଇଞ୍ଜିନ ସରକାରଙ୍କୁ ଟାର୍ଗେଟ କରି କହିଛି ଯେ ଏଭଳି ପରିସ୍ଥିତି ବିଜେପି ସରକାରଙ୍କ ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ପାଇଁ ଉପୁଜିଛି। ଏନେଇ ସିଏମସି ମେୟର ସୁବାସ ସିଂହ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏଲପିଜି ଗ୍ୟାସର ଉତ୍କଟ ସଙ୍କଟ । କଟକରେ ହାହାକାର ସ୍ଥିତି । ଡବଲ ଇଞ୍ଜିନ ସରକାରର ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ପାଇଁ ଆଜି ସାଧାରଣ ଲୋକ ଅଣନିଶ୍ୱାସୀ ହେଉଥିବା ବେଳେ ଏଭଳି ଏକ ନିତାନ୍ତ ଆବଶ୍ୟକ ସେବାର ବର୍ତ୍ତମାନ କଳାବଜାରୀ ଆରମ୍ଭ ହୋଇଛି। ଏହାସହ ଡବଲ ଇଞ୍ଜିନ ସରକାର ଏକ ବିଫଳ ସରକାର କହି ଡବଲ ଇଞ୍ଜିନ ସରକାରଙ୍କୁ କଡା ସମାଲୋଚନା କରିଛି ବିଜେଡି।

## ଯୋଗାଣ ବିଭାଗର ଅଜବ ନିୟମ

# ଗ୍ରାମାଞ୍ଚଳରେ ୪୫ ଦିନ ସହରାଞ୍ଚଳରେ ୨୫ ଦିନ

■ **ଟାଙ୍ଗି/ ଖୋରଧା (ହଓଖ) :** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବାରୁ ଜାଳେଣି ଗ୍ୟାସର ସଂକଟ ସବୁଆଡେ ଦେଖିବାକୁ ମିଳିଲାଣି । ପର୍ଯ୍ୟାପ୍ତ ପରିମାଣର ଜାଳେଣି ଗ୍ୟାସ ମହଜୁଦ ରହିଥିବା ନେଇ ରାଜ୍ୟ ସରକାର ଘୋଷଣା କରି ଜନସାଧାରଣଙ୍କୁ ଆଶ୍ୱାସନା ଦେଉଛନ୍ତି ସତ କିନ୍ତୁ ଏବେ ଗ୍ୟାସର ବୁକିଙ୍ଗ ସମୟ ସହରାଞ୍ଚଳ ପାଇଁ ୨୫ ଦିନ କରିଥିବା ବେଳେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ପାଇଂ ୪୫ ଦିନ ଘୋଷଣା କରିଛନ୍ତି । ଏହି ନିୟମକୁ ନେଇ ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କିଛି ଉପଭୋକ୍ତା ପ୍ରତିକ୍ରିୟାରେ କହିଛନ୍ତି ସହରାଞ୍ଚଳରେ ଅଧିକାଂଶ ଏକକ ପରିବାର ରହୁଛନ୍ତି । ସେମାନକଂର ପରିବାର ସଦସ୍ୟ ସଂଖ୍ୟା ୪ ଜଣ ମଧ୍ୟରେ ସୀମିତ । କିନ୍ତୁ ଗ୍ରାମାଞ୍ଚଳରେ ଯୌଥ ପରିବାର ଓ ସଦସ୍ୟ ସଂଖ୍ୟା ଅଧିକ । ଯୋଗାଣ ବିଭାଗ କେଉଁ ତଥ୍ୟକୁ ଆଧାର କରି ଏହି ନିୟମ ଘୋଷଣା କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଯଦି ସବୁଥିରେ ସମାନ ଅଧିକାର ଅଛି ତେବେ ଗ୍ରାମାଞ୍ଚଳ ଉପଭୋକ୍ତା ମାନଙ୍କ ପାଇଁ ସମାନ ନିୟମ ଲାଗୁକରି ଜାଳେଣି ଗ୍ୟାସ ଯୋଗାଇ ଦେବାପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ମଂଚ ତରଫରୁ ଦାବି କରାଯାଇଛି ।



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

# ଜଣେ ମୃତ, ଜଣେ ଗୁରୁତର





■ **କୋକୋସରା (ହଓଖ) :** କୋକସରା ବଙ୍ଗୋମୁଣ୍ଡା ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛି। ମୃତକ ହେଲେ ଝରିଆଗୁଡା ଗ୍ରାମର ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ (୫୩) କୋକସରା ବ୍ଲକ ବଙ୍ଗୋମୁଣ୍ଡା ଛକ ନିକଟରେ ସ୍ଥାନୀୟ ଝରିଆଗୁଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ (୫୩) ଓ ବିପରୀତ ଦିଗରୁ ଆସୁଥିବା ଜୁନାଗଡ଼ ବ୍ଲକ ଆଟିଗାଁ ପଞ୍ଚାୟତ କାନ୍ଦୁଲଗୁଡା ଗ୍ରାମର ବାଇକ ଚାଳକ ଗୁପ୍ତେଶ୍ୱର ନାଏକ ଓ ଦେବାର୍ଚ୍ଚନ ନାଏକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଉଭୟ ବାଇକ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ, ଦମକଳ କର୍ମଚାରୀ ସମେତ ପୋଲିସ ପହଞ୍ଚି ଗୁରୁତରଙ୍କୁ କୋକସରା ମେଡ଼ିକାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଯୁବକ ଗୁପ୍ତେଶ୍ୱରଙ୍କୁ ଜିଲ୍ଲା ମୁଖ୍ୟାଳୟ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ଦୁଇ ବାଇକ କୁ ଜବତ କରିବା ସହ ତଦନ୍ତ ଜାରି ରହିଛି। ଘଟଣାସ୍ଥଳରେ କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ଉପସ୍ଥିତ ରହି ଘଟଣାର ତଦନ୍ତ ଜାରି ରଖିଛନ୍ତି । ତେବେ ଦୁର୍ଘଟଣାରେ ମୃତ ଗ୍ରାମରକ୍ଷୀଙ୍କ ପରିବାର ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। କଳାହାଣ୍ଡି ରୁ ସ୍ୱାମନି ସୋନୀ ହର୍ଷିକା ମିଡ଼ିଆ।

# ଢେଙ୍କାନାଳରେ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ

■ **ଢେଙ୍କାନାଳ (ହଓଖ) :** ଜନସାଧାରଣଙ୍କୁ ଶ୍ରୀମନ୍ଦିର ଦର୍ଶନର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଭବ୍ୟ ଭାବରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କୁ ପୁରୀରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ୍ ଯୋଗେ ଯାତ୍ରାରେ ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ଭାବେ ଶ୍ରୀ ନବ କିଶୋର ଗୁରୁ, ମାନ୍ୟବର ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭାବେ ଶ୍ରୀ ନରେଶ ମହାପାତ୍ର, ତଥା ଉପସ୍ଥିତ ଥିବା ମାନ୍ୟବର ଅତିଥିମାନେ ବସ୍ ?ଗୁଡିକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେମାନେ ଏହି ଯୋଜନା ମାଧ୍ୟମରେ ସାଧାରଣ ଲୋକମାନେ ସହଜରେ ଶ୍ରୀମନ୍ଦିର ଦର୍ଶନ କରିପାରୁଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଓ ଏହାକୁ ଏକ ସାର୍ଥକ ପଦକ୍ଷେପ ବୋଲି କହିଥିଲେ।

ଏହି ଯୋଜନାରେ ବିଶେଷ କରି ବୃଦ୍ଧ, ମହିଳା ଓ ଆର୍ଥିକ ଭାବେ ଅସମର୍ଥ ଭକ୍ତମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଯାତ୍ରୀମାନଙ୍କ ପାଇଁ ଯାତାୟାତ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।



## ରାଧାକୃଷ୍ଣ ମନ୍ଦିରରୁ ସୁନା ରୁପା ଚୋରି

■ **କାକଟପୁର (ହଓଖ) :** କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଚୋରି ଡକାୟତି ଚାଲୁରହିଛି। ଏହି ଦୁଇ ବ୍ଲକରେ ଅନେକ ପ୍ରସିଦ୍ଧ ମନ୍ଦିରରୁ ସୁନା, ଗହଣା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀମାନ ଚୋରି ହୋଇଥିବାର ପରିଲିକ୍ଷିତ ହୋଇଛ। ଏଇ କିଛିଦିନତଳେ ଅସ୍ତରଙ୍ଗ ବ୍ଲକସ୍ଥିତ ଖଣ୍ଡାସାହୀ ଗ୍ରାମରରେ ଥିବା ରାଧାକୃଷ୍ଣ ମନ୍ଦିରରେ ଦୁବୃତ୍ତମାନେ ଲୁଟପାଟକରି କଳାକନା ବୁଲାଇ ଦେଇଛନ୍ତି। ପୂଜାରୀ ଆସି ଦେଖନ୍ତେ ମନ୍ଦିର କବାଟରେ ଲାଗିଥିବା ତାଲା ଭଙ୍ଗା ଯାଇଛି। ଠାକୁରଙ୍କ ମୁଣ୍ଡରେ ଥିବା ଦୁଇଟି ସୁନାମୁକୁଟ, ଦୁଇହଳ ରୁପା ପାଉଜି, ରୁପାର ହାର, ସୁନାର ମଙ୍ଗଳ ସୂତ୍ର, ସୁନା ନାକଫୁଲ, ସୁନା ଖଡୁ, ରୁପା ଖଡୁ,ସୁନା ମୁଦି,ରୁପା ଥାଳିଆ, ପିତଳ ଥାଳି, ପିତଳ ଢାଳ,ହାତ ଘଣ୍ଟି, ଇତ୍ୟାଦି ଚୋରି ହୋଇଯାଇଥିବାର ପୂଜକ ପୁରୁଷୋତ୍ତମ ପଣ୍ଡା ଗ୍ରାମବାସୀଙ୍କୁ ଜଣାଇଥିଲା।

# କର୍ମୀ ହୋଇ ପ୍ରତିବାଦ କଲେ, ନିଜ ସରକାରଙ୍କୁ ନିଜେ ବଦନାମ କଲେ !

■ **କଟକ (ହଓଖ) :** ଅନ୍ୟ ରାଜନେତାଙ୍କୁ ଟାର୍ଗେଟ କରି କେମିତି ସାଂସଦ ରନ୍‌ଙ୍କୁ ଭୁଲିଗଲେ ? ବିରୋଧୀଙ୍କୁ ଟାର୍ଗେଟ କରି ନିଜ ସରକାରଙ୍କୁ ନିଜେ ବଦନାମ କଲେ । ଏଭଳି କିଛି ପ୍ରସଙ୍ଗ ବର୍ତ୍ତମାନ ଚର୍ଚ୍ଚା ପରିସରକୁ ଆସିଛି ବହୁଚର୍ଚ୍ଚିତ ସୁବାସ ସଙ୍ଗଠନର ନିଆରା ପ୍ରତିବାଦ କଥାରୁ । ଏହି ସଙ୍ଗଠନ ମିଡିଆ ମାଇଲେଜ ପାଇଁ କେବେ ସିଏମସି କାର୍ଯ୍ୟାଳୟ ଭିତରେ ବାଲି ଗଦା କରନ୍ତି ତ ଆଉ କେବେ ସୁଡଙ୍ଗ ଦ୍ୱାରା ସିଡିଏରୁ ୟୁରୋପ ରାସ୍ତା ଖୋଜନ୍ତି ବୋଲି କୁହାଯାଉଛି। ତେବେ ବର୍ତ୍ତମାନ ଏହି ସଙ୍ଗଠନକୁ ପେଟାନାଳ ଚିନ୍ତା ଘାରିଛି। ପେଟାନାଳ ପ୍ରସଙ୍ଗକୁ ନେଇ ସଙ୍ଗଠନ ଗତ କିଛି ଦିନ ତଳେ ଏକ ପ୍ରତିବାଦ କରିଥିଲା। ଏଥିରେ ସଙ୍ଗଠନ ପୂର୍ବତନ ବିଧାୟକ ମୋକିମ, ସିଏମସି ମେୟର ସୁବାସ ସିଂହ ଓ ବିଧାୟିକା ସୋଫିଆ ଫିର୍ଦୋଷଙ୍କୁ ଆକ୍ଷେପ କରିଥିଲା। ଅଷ୍ଟାଏ ଦଳ ଭିତରେ ପଶି ମହମ୍ମଦ ମୋକିମ ଓ ସୋଫିଆଙ୍କ ଫଟୋରେ ଧୂପ ବୁଲାଇଲା। ହେଲେ ଏହାରି ଭିତରେ ଶାସନ ଭାରରେ ଥିବା ସାଂସଦ ରନ୍ ଓ ବିଜେପି ସରକାରଙ୍କୁ କେମିତି ଭୁଲିଗଲା ବୋଲି ମେୟର ସୁବାସ ସିଂହ ପ୍ରଶ୍ନ କରିଛନ୍ତି।

ଏହାସହ ସଙ୍ଗଠନ ମୁଖ୍ୟ ବୋଲାଉ ଥିବା ସୁରେଶ ମହାନ୍ତି ଜଣେ ବିଜେପି କର୍ମୀ ହେବା ସଙ୍ଗଠନର ଏଭଳି ପ୍ରତିବାଦକୁ ନେଇ କଡା ଜବାବ ରଖିଛନ୍ତି ଦକ୍ଷ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଏହି ସଙ୍ଗଠନ ଏକ ବେସଲେସ ସଙ୍ଗଠନ। ସଙ୍ଗଠନ ନିଜେ ମୁଖ୍ୟ ଜଣେ ବିଜେପି କର୍ମୀ ହୋଇ ଅନ୍ୟ ନେତାଙ୍କୁ ଆକ୍ଷେପ କରିବା କେତେଦୂର ଯୁକ୍ତିଯୁକ୍ତ।

ଶାସନରେ ନିଜ ସରକାର ଥାଇ ଏବଂ ନିଜେ ଖୋଦ ଜଣେ ବିଜେପି କର୍ମୀ ହୋଇ ସଂଗଠନ ମୁଖ୍ୟ ସୁରେଶଙ୍କର ଏଭଳି ପ୍ରତିବାଦ ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି। ଅନ୍ୟପକ୍ଷରେ ସଂଗଠନର ଏ ପ୍ରକାର ପ୍ରତିବାଦ ସାଂସଦ ରନ୍ ଭର୍ତ୍ତୃହରି ମହତାବ ଓ ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟ ଦକ୍ଷତା ଓ କର୍ତ୍ତୃତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି ବୋଲି ଚର୍ଚ୍ଚା ଆରମ୍ଭ ହେଉଛି । ଅନ୍ୟପକ୍ଷରେ ବାସ୍ତବରେ ଏହି ସଙ୍ଗଠନର ମୁଖ୍ୟ କିଏ ସେନେଇ ମଧ୍ୟ ସୋସିଆଲ ମିଡିଆରେ ପ୍ରଶ୍ନ ଉଠିଲାଣି।




● ପେଟାନାଳ ଚିନ୍ତାରେ ସୁବାସ ସଙ୍ଗଠନ
● ପେଟାନାଳ ପାଇଁ ସୁବାସ ସଙ୍ଗଠନର ଗର୍ଜନ
● ସରକାରଙ୍କୁ ଭୁଲିଗଲା ସଙ୍ଗଠନ
● ଟାର୍ଗେଟରେ ବିଧାୟିକା ସୋଫିଆ ଫିର୍ଦୋଷ, ମହମ୍ମଦ ମୋକିମ ଓ ସୁବାସ ସିଂହ

● ଗୋଟିଏ ପରିବାରର

# ୩ ଜଣଙ୍କୁ ନିର୍ମମ ହତ୍ୟା

■ **ଦେବଗଡ଼ (ହଓଖ) :** ଦେବଗଡ କୁଣ୍ଡେଇଗୋଳା ଥାନା ଗରିଆପାଲି ଗାଁରେ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ୩ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସ୍ତ୍ରୀ, ବୋହୂ ଓ ନାତୁଣୀଙ୍କୁ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଏଭଳି ଅଘଟଣ ଘଟିଛି। ରମେଶ ଗରିଆ ନାମକ ଜଣେ ବ୍ୟକ୍ତି ୩ ଜଣଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଛି। ରମେଶଙ୍କ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୁଣ୍ଢେଇଗୋଳା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ରନ୍ଧନ ଗ୍ୟାସପାଇଁ ଏବେଠୁ ହାହାକାର

## ରାଜ୍ୟ ସରକାର ହେଲ୍ପ ଲାଇନ୍ ନମ୍ବର ପ୍ରକାଶ କରିବାକୁ ଦାବି

■ **ବ୍ରହ୍ମପୁର (ହଓଖ) :** ରନ୍ଧନ ଗ୍ୟାସ୍ ବିତରଣକୁ ଶୃଙ୍ଖଳିତ କରିବା, କଳାବଜାରୀ ଓ ମହଜୁଦକାରୀଙ୍କ ବିରୋଧରେ ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ସମଗ୍ର ଦେଶରେ ବର୍ତ୍ତମାନ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଥିବା ବେଳେ ଓଡ଼ିଶାରେ ଗ୍ୟାସ୍ ବଣ୍ଟନ, ଦର ଓ ଉପଭୋକ୍ତା ସମସ୍ୟା ସହ ଜଡ଼ିତ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ ମହଜଦ ରହିଛି। ତେଣୁ ଲୋକମାନେ ଭୟଭୀତ ହେବାର କିଛି କାରଣ ନାହିଁ। ଗ୍ୟାସ କମ୍ପାନୀମାନଙ୍କ ପାଖରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ରହିଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପାଇପ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଗ୍ୟାସ ଯୋଗାଣ ହେଉଛି ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଓଡ଼ିଶା ଉପରେ ବିଶେଷ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଗ୍ୟାସ କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସେ ସତର୍କ କରିଛନ୍ତି। କିନ୍ତୁ ବର୍ତ୍ତମାନର ପରିସ୍ଥିତି ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ମନ୍ତ୍ରୀ ମହୋଦୟ ଓଡ଼ିଶାବାସୀଙ୍କ ପ୍ରକୃତ ସ୍ଥିତିକୁ ଅଣଦେଖା କରି ଏପରି ଉପର ଠାଉରିଆ କଥା କହୁଛନ୍ତି ବା ଓଡ଼ିଶାବାସୀଙ୍କୁ ବୋକା ଭାବି ଏପରି ମତ ପ୍ରକାଶ କରୁଛନ୍ତି ବୋଲି ସମାଜବାଦୀ ଅନୁଷ୍ଠାନ "ମାନବ ଅଧିକାର ସୁରକ୍ଷା ମଞ୍ଚ" ପକ୍ଷରୁ ଆବାହକ, ଆଇନଜୀବୀ ଅବନୀ ଗୟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଯଦି ପରିସ୍ଥିତି ସବୁ ସ୍ୱାଭାବିକ ଅଛି, ତେବେ ଆଜି ଗ୍ୟାସ ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରେ ଏତେ ଲମ୍ବା ଲାଇନ୍ କାହିଁକି ? ଗ୍ୟାସ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଥିବାର କାରଣ କଣ ? ଗ୍ରାମାଞ୍ଚଳରେ ଏହା ୪୫ ଦିନକୁ ବଢ଼ାଯାଇଥିବାର କାରଣ କଣ ? ରନ୍ଧନ ଗ୍ୟାସ ଭଳି ଜରୁରୀ ଆବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୩୫୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିବା ଦଳ ଆଜି ବାରମ୍ବାର ଦର ବୃଦ୍ଧି କାହିଁକି କରୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ମଞ୍ଚ ପକ୍ଷରୁ ଦାବି କରାଯାଇଛି ଯେ ରାଜ୍ୟ ସରକାର ଶୀଘ୍ର ଏକ ହେଲ୍ପଲାଇନ୍ ନମ୍ବର ପ୍ରକାଶ କରନ୍ତୁ ଏବଂ ୨୪ ଘଣ୍ଟା ମଧ୍ୟରେ ରନ୍ଧନ ଗ୍ୟାସ କୃତ୍ରିମ ଭାବେ ସଙ୍କଟ ସୃଷ୍ଟି କରୁଥିବା ଗ୍ୟାସ ବିତରଣ ସଂସ୍ଥାମାନଙ୍କ ବିରୋଧରେ ଅଭିଯୋଗର କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅବନୀ ଗୟା ଏକ ପ୍ରେସ ବିବୃତି ମାଧ୍ୟମରେ ଦାବି କରିଛନ୍ତି ।



## ମୋଜତାବାଙ୍କୁ ଧମକାଇଲେ ଟ୍ରମ୍ପ

# ସାବଧାନ ରୁହ, କାଲେ ତୁମେ ବି ଖତମ ହୋଇପାର : ଇରାନ



ମୁମ୍ବାଇ : ଇରାନର ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନି ସୋଶାଲ ମିଡିଆ ପୋଷ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦେଇଛନ୍ତି ଖୋଲା ଧମକ। ଇରାନର ନୂଆ ସୁପ୍ରିମ ଲିଡର ମୋଜତାବା ଖାମେନେଇଙ୍କୁ ଟ୍ରମ୍ପ ଧମକ ଦେଇଥିବାରୁ ଅଲୀ ଲାରିଜାନି ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି, "ତୁମ ଠାରୁ ବଡ଼ବଡ଼ ଲୋକ ଇରାନକୁ ଖତମ କରି ପାରି ନାହାନ୍ତି। ସାବଧାନ ରୁହ, କାଲେ ତୁମେ ବି ଖତମ ହୋଇ ନଯାଅ।" ଏହାପୂର୍ବରୁ ଟ୍ରମ୍ପ ସୋଶାଲ ମିଡିଆରେ ଇରାନକୁ ଧମକ ଦେବା ସହ ମୋଜତାବାଙ୍କ ବିରୋଧରେ ବୟାନ ରଖିଥିଲେ। ଟ୍ରୁଥ ସୋଶାଲରେ ଟ୍ରମ୍ପ କହିଥିଲେ ଯେ ହର୍ମୁଜ ପ୍ରଣାଳୀରେ ଯଦି ତେଲ ପ୍ରବାହକୁ ଇରାନ ଅଟକାଇବାକୁ ଚେଷ୍ଟା କରିବ, ତା'ହେଲେ ଆମେରିକା ପକ୍ଷରୁ ୨୦ ଗୁଣା ଶକ୍ତିର ସହ ପ୍ରହାର କରାଯିବ। ପୂର୍ବାପେକ୍ଷା ଷ୍ଟ୍ରାଇକ ଆହୁରି ଭୟଙ୍କର ହେବ। ଷ୍ଟ୍ରାଇକର ପ୍ରଭାବ ଏତେ ଭୟଙ୍କର ହେବ ଯେ ଇରାନ କେବେ ବି ଅଣ୍ଟା ସଳଖି ଛିଡ଼ା ହୋଇପାରିବ ନାହିଁ। ମୃତ୍ୟୁ, ନିଆଁ ଓ ରୋଷ ସେମାନଙ୍କ ଉପରେ ବର୍ଷିବ। କିନ୍ତୁ ମୋର ଆଶା ଓ ଭଗବାନଙ୍କ ପାଖରେ ମୁଁ ପ୍ରାର୍ଥନା କରିବି ଯେ ସେମିତି କିଛି ନ ଘଟୁ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଅତିରିକ୍ତ ଭାବ ମୋଜତାବାଙ୍କୁ ମଧ୍ୟ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ମୋଜତାବା କେବେ ହେଲେ ବି ଶାନ୍ତିରେ ବଞ୍ଚି ପାରିବେ ନାହିଁ। ଇରାନ ମୋଜତାବାଙ୍କୁ ସୁପ୍ରିମ ଲିଡର ଭାବେ ଚୟନ କରିଥିବାରୁ ଟ୍ରମ୍ପ ଏଥିରେ ଖୁସି ନଥିବା କହିଛନ୍ତି। ମୋଜତାବାଙ୍କ ନିଯୁକ୍ତି ପୂର୍ବରୁ ଟ୍ରମ୍ପ ସଙ୍କେତ ଦେଇଥିଲେ ଯେ ଇରାନର ପରବର୍ତ୍ତୀ ନେତା ଚୟନରେ ଆମେରିକା ହସ୍ତକ୍ଷେପ କରିବ। ଭେନେଜୁଏଲାରେ ଟ୍ରମ୍ପ ଯେଉଁ ଭଳି ପଦକ୍ଷେପ ନେଇଥିଲେ ଇରାନରେ ମଧ୍ୟ ସେମିତି କିଛି କରିବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ଇରାନ ନିଜ କ୍ଷମତା ବଳରେ ମୋଜତାବାଙ୍କୁ ଚୟନ କରିଥିବାରୁ ଟ୍ରମ୍ପ ତାଙ୍କୁ ମଧ୍ୟ ଦେଇଛନ୍ତି। ୧୯୬୯ରେ ମାଶହାଦରେ ଜନ୍ମ ଗ୍ରହଣ କରିଥିବା ମୋଜତାବା ଖାମେନେଇ ହେଉଛନ୍ତି ଆମେରିକା-ଇସ୍ରାଏ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ଅଲୀ ଖାମେନେଇଙ୍କ ଦ୍ୱିତୀୟ ପୁଅ। ସେ ଶାହ ମହମ୍ମଦ ରେଜା ପହଲଭୀଙ୍କ ଶାସନ ସମୟରେ ବଡ଼ ହୋଇଥିଲେ। ତାଙ୍କ ବାପା ଅଲୀ ଖାମେନେଇ ରାଜତନ୍ତ୍ରର ତୀବ୍ର ସମାଲୋଚକ ଥିଲେ। ସେ ରାଜତନ୍ତ୍ର ବିରୋଧରେ ରୁହୋଲ୍ଲା ଖୋମେନିଙ୍କ ସହ ହାତ ମିଳାଇଥିଲେ। ୧୯୭୯ ଇରାନ ବିପ୍ଳବର ରାଜତନ୍ତ୍ରର ଲୋପ ହୋଇଥିଲା ଓ ଦେଶରେ ଧାର୍ମିକ ଗଣତନ୍ତ୍ର ଶାସନ ଆରମ୍ଭ ହୋଇଥିଲା। ରୁହୋଲ୍ଲା ଖୋମେନି ଇରାନର ପ୍ରଥମ ସୁପ୍ରିମ ଲିଡର ହୋଇଥିଲେ। ପରବର୍ତ୍ତୀ ସମୟରେ ଖାମେନେଇ ପରିବାର ନୂଆ ଶକ୍ତି କେନ୍ଦ୍ରର ମୂଳକୁ ଦଖଲ କରିଥିଲେ। ୧୯୮୯ରେ ଅଲି ଖାମେନେଇ ଇରାନର ସୁପ୍ରିମ ଲିଡର ହେବା ପରେ ମୋଜତାବା ଇରାନର ଧାର୍ମିକ ଓ ରାଜନୀତିକ କେନ୍ଦ୍ରକୁ ଆସିଥିଲେ। ଅଧିକାଂଶ ରାଜନୀତିକ ପରିବାର ଭଳି କିନ୍ତୁ ୫୬ ବର୍ଷୀୟ ମୋଜତାବା ସର୍ବସମ୍ମୁଖକୁ ଆସୁ ନଥିଲେ। ସେ ସବୁବେଳେ କ୍ୟାମେରା ଆଢୁଆଳରେ ରହୁଥିଲେ। ସେ ପରାଦ ପଛରେ ରହି ସବୁ କିଛି କରୁଥିଲେ। ସୁପ୍ରିମ ଲିଡରଙ୍କ ଅଫିସରେ ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ହେଉଥିଲା। ଫେବୃଆରୀ ୨୮ରେ ବାପା ଖାମେନେଇଙ୍କ ମୃତ୍ୟୁ ପରେ ଏବେ ମୋଜତାବା ସୁପ୍ରିମ ଲିଡର ହୋଇଛନ୍ତି। ମୋଜତାବା ଖାମେନେଇ ୧୯୮୭ରେ ଇରାନର ଇସଲାମିକ ମିଲିଟାରୀ ଫୋର୍ସରେ ସାମିଲ ହୋଇଥିଲେ। ଇରାନ-ଇରାକ ଯୁଦ୍ଧର ଶେଷ ପର୍ଯ୍ୟାୟରେ ହିଁ ସେ ବନ୍ଧୁକ ଉଠାଇଥିଲେ। ଯୁଦ୍ଧ ସମୟରେ ସେ ହାବିବ ବାଟାଲିୟନ ପାଇଁ ଲଢ଼େଇ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ହରିଶଙ୍କୁ ଇଚ୍ଛାମୃତ୍ୟୁ

- ରାୟ ଶୁଣାଣିବେଳେ ବିଚାରପତି ହେଲେ ଭାବବିହ୍ୱଳ
- ଦୀର୍ଘ ୧୩ ବର୍ଷ ହେଲାଣି କୋମାରେ ପଡ଼ିଥିଲେ



ନୂଆଦିଲ୍ଲୀ : ଜୀବନ ଓ ମୃତ୍ୟୁର ସୀମା ରେଖାରେ ୧୩ ବର୍ଷ ଧରି ଛଟପଟ ହେଉଥିବା ଜଣେ ଯୁବକଙ୍କ ପାଇଁ ଶେଷରେ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା ମର୍ମାହତ ଶୁଣାଣି କରିଛନ୍ତି। ଗାଜିଆବାଦର ୩୦ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ''ନିଷ୍କ୍ରିୟ ଇଚ୍ଛାମୃତ୍ୟୁ'' ପାଇଁ ଅନୁମତି ପ୍ରଦାନ କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସମ୍ବେଦନଶୀଳ ମାମଲାରେ ଶେଷ ନିଷ୍ପତ୍ତି ଶୁଣାଇଛନ୍ତି। ଘଟଣାଟି ଥିଲା ୨୦୧୩ ମସିହାର। ଚଣ୍ଡିଗଡ଼ର ପାଠ ପଢୁଥିବା ମେଧାବୀ ଛାତ୍ର ହରିଶ ନିଜ ହଷ୍ଟେଲର ଚତୁର୍ଥ ମହଲାରୁ ହଠାତ୍ ତଳକୁ ଖସି ପଡ଼ିଥିଲେ। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା, ଯାହା ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା। ସେବେଠାରୁ ଦୀର୍ଘ ୧୩ ବର୍ଷ ଧରି ହରିଶ ଶଯ୍ୟାଶାୟୀ ହୋଇ ଅଚେତନ ଅବସ୍ଥାରେ ପଡ଼ି ରହିଥିଲେ। ଲଗାତାର ବିଛଣାରେ ପଡ଼ି ରହିବା ଯୋଗୁଁ ତାଙ୍କ ଶରୀରରେ ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା ଏବଂ ସେ ୧୦୦% ଅକ୍ଷମ ହୋଇଯାଇଥିଲେ। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍ସରୁ ଏକ ବିଶେଷଜ୍ଞ ଦଳ ଗଠନ କରି ହରିଶଙ୍କ ସ୍ୱାସ୍ଥ୍ୟାବସ୍ଥାର ରିପୋର୍ଟ ମାଗିଥିଲେ। ଏମ୍ସର ରିପୋର୍ଟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଡାକ୍ତରୀ ଦଳ ସ୍ପଷ୍ଟ କରିଥିଲେ ଯେ, ହରିଶଙ୍କ ସୁସ୍ଥ ହେବାର କୌଣସି ସମ୍ଭାବନା ନାହିଁ। ରିପୋର୍ଟ ପଢ଼ିବା ପରେ ଜଷ୍ଟିସ ପାରଦିୱାଲା କହିଥିଲେ, 'ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ରିପୋର୍ଟ। ଜଣେ ବିଚାରପତି ଭାବେ ଏପରି ନିଷ୍ପତ୍ତି ନେବା ଆମ ପାଇଁ ଅତ୍ୟନ୍ତ କଷ୍ଟକର, କିନ୍ତୁ ମାନବିକତା ଦୃଷ୍ଟିରୁ ଏହି ଯନ୍ତ୍ରଣାର ଅନ୍ତ ହେବା ଆବଶ୍ୟକ।' ଜଣେ ପୁଅକୁ ନିଜ ଆଖି ଆଗରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିବା ଦେଖିବା ପିତାମାତାଙ୍କ ପାଇଁ ସବୁଠାରୁ ବଡ଼ ଦଣ୍ଡ। ହରିଶଙ୍କ ବୃଦ୍ଧ ପିତାମାତା ଶେଷରେ ନିରୁପାୟ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ନିଜ ପୁଅ ପାଇଁ ''ଇଚ୍ଛାମୃତ୍ୟୁ'' ମାଗିଥିଲେ, ଯାହାଦ୍ୱାରା ହରିଶ ଏହି ଜୀବନ୍ତ ନର୍କରୁ ମୁକ୍ତି ପାଇପାରିବେ। ଏବେ ୧୩ ବର୍ଷର ଏହି ଦୀର୍ଘ ପ୍ରତୀକ୍ଷା ଓ ଅସହ୍ୟ ଯନ୍ତ୍ରଣାର ଅନ୍ତ ଘଟିବାକୁ ଯାଉଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ରାୟ ନୁହେଁ, ବରଂ ଜଣେ ଯନ୍ତ୍ରଣାଗ୍ରସ୍ତ ମଣିଷକୁ ସମ୍ମାନର ସହ ବିଦାୟ ଦେବାର ଏକ ମାନବିକ ପ୍ରୟାସ। ହରିଶ ରାଣାଙ୍କ କାହାଣୀ ସାରା ଦେଶକୁ ସ୍ତବ୍ଧ କରିଦେଇଛି।

## ଏଲପିଜି ସଙ୍କଟ

# ୫୫ଟି ସିଲିଣ୍ଡର ଜବତ



୨୦୦୦ ଟଙ୍କାରେ ସିଲିଣ୍ଡର ବିକୁଥିଲେ ନେତା

ଲକ୍ଷ୍ନୌ : ଦେଶରେ ଚାଲିଥିବା ଏଲପିଜି ସଙ୍କଟ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ନେତାଙ୍କ ଘରୁ ୫୫ଟି ସିଲିଣ୍ଡର ଜବତ ହୋଇଛି। ସମାଜବାଦୀର ନେତା ଅବଦୁଲ ରହମାନଙ୍କ ଘରୁ ସିଲିଣ୍ଡର ଜବତ।

ଖବର ଅନୁସାରେ ଏଲପିଜି ସିଲିଣ୍ଡର ଗଚ୍ଛିତ ରଖିବା ସୂଚନା ପାଇ ସ୍ଥାନୀୟ କର୍ତ୍ତୃପକ୍ଷ ହାପୁର ଜିଲ୍ଲାର ଅସୌରା ଗାଁରେ ଥିବା ରେହମାନଙ୍କ ଘରେ ଚଢ଼ାଉ କରିଥିଲେ। ରହମାନଙ୍କ ଘରୁ ୫୫ଟି ସିଲିଣ୍ଡର ଜବତ ହୋଇଥିବା ବେଳେ ରହମାନ ଏବେ ଫେରାର ହୋଇ ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ରେହମାନ ପ୍ରତି ସିଲିଣ୍ଡରକୁ ୨୦୦୦ ଟଙ୍କା ମୂଲ୍ୟରେ ବିକ୍ରି କରୁଥିଲେ। ଅଭିଯୋଗ ପାଇ ହାପୁର ଦେହାତର ଷ୍ଟେସନ ହାଉସ୍ ଅଫିସର ଇନ୍ସପେକ୍ଟର ନୀରଜ ରେହମାନଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଅନୁଯାୟୀ ଚଢ଼ାଉ କରିବା ସହ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଘଟଣା ପରେ ହାପୁର ସମାଜବାଦୀ ପାର୍ଟି ଜିଲ୍ଲା ସଭାପତି ଆନନ୍ଦ ଗୁର୍ଜର ଅବଦୁଲ୍ ରେହମାନଙ୍କ ଦଳ ସହିତ ସମ୍ପର୍କକୁ ଅସ୍ୱୀକାର କରିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କଡ଼ା ନିର୍ଦ୍ଦେଶ ପରେ କର୍ତ୍ତୃପକ୍ଷମାନେ ଏଲପିଜି ସିଲିଣ୍ଡରର ଗଚ୍ଛିତ ଏବଂ କଳାବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତୀବ୍ର କରିଛନ୍ତି।

## ଭାରତୀୟଙ୍କୁ ସରକାରଙ୍କ ଆଶ୍ୱସନା

# ତୈଳ ଓ ଗ୍ୟାସ ସମସ୍ୟା ନାହିଁ



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ଲୋକମାନେ ଏଲପିଜି ସଙ୍କଟର ସାମ୍ନା କରୁଛନ୍ତି। ଲୋକଙ୍କ ପାଖରେ ଠିକ ସମୟରେ ଗ୍ୟାସ ପହଞ୍ଚି ପାରୁନି। ବିଭିନ୍ନ ସ୍ଥାନରେ ଲୋକମାନେ ଏଲପିଜି ପାଇଁ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ଗ୍ୟାସ ବଦଳରେ ଲୋକମାନେ ବିଦ୍ୟୁତ ଚୂଲା ମୁହାଁ ହେଲାଣି। ଏତେ ସବୁ ପରେ ମଧ୍ୟ ଦେଶରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାରର ତୈଳ କିମ୍ବା ଏଲପିଜି ସଙ୍କଟ ସୃଷ୍ଟି ହୋଇ ନଥିବା କେନ୍ଦ୍ର ସରକାର କହିଛନ୍ତି। ଦେଶବାସୀଙ୍କୁ ସରକାର ଆଶ୍ୱସନା ଦେଇ କହିଛନ୍ତି ଯେ ଦେଶରେ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ, ଡିଜେଲ, କିରାସିନ କିମ୍ବା ଏଲପିଜିର ଅଭାବ ନାହିଁ। ତୈଳ ଉପଲବ୍ଧତା ପୂର୍ବଭଳି ସ୍ଥିର ରହିଛି। ଯୋଗାଣ ବ୍ୟବସ୍ଥା ପୂରା ଦେଶରେ ଠିକ ଭାବେ ଚାଲିଥିବା ଆଜି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ସଂସଦରେ କହିଛନ୍ତି। ତାଙ୍କ କହିବା କଥା ଯେ ଭାରତ ପାଖରେ ଆବଶ୍ୟକ ତୈଳ ଷ୍ଟକ ରହିଛ। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ସରକାର ତୈଳ ଓ ଗ୍ୟାସ ଯୋଗାଣକୁ ସ୍ୱାଭାବିକ ଜାରି ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଚିନ୍ତା କରୁଛନ୍ତି।


ସେ କହିଛନ୍ତି, "ବିଶ୍ୱରେ ଦେଖା ଯାଇଥିବା ବିବାଦ ସତ୍ତ୍ୱେ ଭାରତର ଅଶୋଧିତ ତୈଳ ସପ୍ଲାଏ ସ୍ଥିତି ସୁରକ୍ଷିତ ରହିଛି। ଅତ୍ୟାଧୁନିକ ଶକ୍ତି ଇତିହାସରେ ବିଶ୍ୱ କେବେ ହେଲେ ବର୍ତ୍ତମାନ ସାମ୍ନା କରୁଥିବା ସ୍ଥିତିର ସମ୍ମୁଖୀନ ହୋଇ ନଥିଲା। ହର୍ମୁଜରେ ଆସିବାକୁ ଥିବା ଜିନିଷ ଠାରୁ ଅଧିକ ମାତ୍ରାରେ ଭାରତ ସବୁ କିଛି ଗଚ୍ଛିତ କରି ରଖିଛି। ବିବାଦ ସୃଷ୍ଟି ହେବା ପୂର୍ବରୁ ହର୍ମୁଜ ଦେଇ ଭାରତର ୪୫% ଅଶୋଧିତ ତୈଳ ଆସି ସାରିଥିଲା। ପ୍ରଧାନମନ୍ତ୍ରୀଙ୍କ ଚମତ୍କାର କୂଟନୀତିକ ସମ୍ପର୍କ ଓ ଭଲ ସମ୍ପର୍କ ଯୋଗୁ ଷ୍ଟ୍ରେଟ ଅଫ ହର୍ମୁଜରେ ସମାନ ସମୟରେ ଆସିବାକୁ ଥିବା ଅଶୋଧିତ ତୈଳ ଠାରୁ ଭାରତ ଅଧିକ ମାତ୍ରାରେ ଗଚ୍ଛିତ କରିପାରିଛି।" ସେ ଆହୁରି କହିଛନ୍ତି ଯେ ଗତ ୫ ଦିନ ମଧ୍ୟରେ ଏଲପିଜି ଉତ୍ପାଦନ ୨୮% ବୃଦ୍ଧି ପାଇଛି। ଅଧିକ ସଂଗ୍ରହ ଜାରି ରହିଛି। ଯୋଗାଣ ହ୍ରାସ ପାଇନାହିଁ। କିନ୍ତୁ ଗ୍ରାହକମାନେ ଚିନ୍ତା ପ୍ରକଟ କରି ଆତଙ୍କିତ ହେଉଛନ୍ତି। ଏଥିଯୋଗୁ ଏଲପିଜି ଯୋଗାଣକୁ ନେଇ ଗୋଟିଏ ଭୁଲ ପ୍ରଚାର କରାଯାଉଛି। ଏବେ ଭୁଲ ତଥ୍ୟର ପ୍ରଚାର କରିବାର ସମୟ ନୁହେଁ।

ମୋଦି ସରକାର ୩୩ କୋଟି ପରିବାରର ରୋଷେଇ ଘରେ କେମିତି ଗ୍ୟାସ ଆବଶ୍ୟକ ପରିମାଣରେ ପହଞ୍ଚିବ, ତା' ଉପରେ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ଗରିବ ଓ ବଞ୍ଚିତ ବର୍ଗର ଲୋକମାନେ ଯେମିତି କୌଣସି ଅଭାବର ସାମ୍ନା ନ କରିବେ, ତା'ର ବ୍ୟବସ୍ଥା ହୋଇଛି। ଘରୋଇ ରନ୍ଧନ ଗ୍ୟାସ ଯୋଗାଣକୁ ସଂପୂର୍ଣ୍ଣ ଭାବେ ସୁରକ୍ଷିତ କରାଯାଇଛି। ଡେଲିଭରୀ ସାଇକେଲ ଅପରିବର୍ତ୍ତିତ ଅଛି ବୋଲି ସେ ଦମ୍ଭୋକ୍ତି କରିଛନ୍ତି। ଦୀର୍ଘକାଳୀନ ବିବାଦ ମଧ୍ୟରେ ପ୍ରତିଟି ଘରର ଶକ୍ତି ଉତ୍ପାଦନକୁ ସୁରକ୍ଷିତ କରାଯାଇଛି। ଆମେରିକା ଓ କାନାଡା ଭଳି ଦେଶରୁ ପଣ୍ୟବାହୀ ଜାହାଜଗୁଡ଼ିକ ଆସୁଥିବା ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ "ବିଶାଳ ଏଲଏନଜି କାର୍ଗୋଗୁଡ଼ିକ ପ୍ରାୟତଃ ଦୈନନ୍ଦିନ ଭିତ୍ତିରେ ବିକଳ୍ପ ସପ୍ଲାଏ ମାର୍ଗରେ ଆସୁଛନ୍ତି। ଭାରତରେ ଆବଶ୍ୟକ ଗ୍ୟାସ ଉତ୍ପାଦନ ହେଉଛି। ପ୍ରତିଟି ଘର ଓ ଶିଳ୍ପ କ୍ଷେତ୍ରର ଶକ୍ତି ଉତ୍ପାଦନକୁ ସୁରକ୍ଷିତ କରାଯାଉଛି। ରିଫାଇନାରୀଗୁଡ଼ିକ ପୂର୍ଣ୍ଣ କ୍ଷମତା ଓ ଉତ୍ସର ସହ କାର୍ଯ୍ୟ କରୁଛନ୍ତି। କିଛି କ୍ଷେତ୍ରରେ ଏହା ୧୦୦% ଅତିକ୍ରମ କରିଛି। ଦେଶରେ ପେଟ୍ରୋଲ, ଡିଜେଲ, କିରାସିନ, ଏଟିଏଫ ଓ ତୈଳର ଅଭାବ ନାହିଁ। ସବୁ କିଛିକୁ ସରକାର ବ୍ୟବସ୍ଥିତ କରିଛନ୍ତି।"

# ଆରଏନ ରବିଙ୍କ ଶପଥ ଗ୍ରହଣ

କୋଲକାତା : ପଶ୍ଚିମବଙ୍ଗର ନବନିଯୁକ୍ତ ରାଜ୍ୟପାଳ ଆରଏନ ରବି ଗୁରୁବାର ଲୋକଭବନରେ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୁଜୟ ପାଲ ତାଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ, ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏବଂ ବାମ ମୋର୍ଚ୍ଚା ଅଧ୍ୟକ୍ଷ ବିମାନ ବୋଷଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶପଥ ଗ୍ରହଣ ଉତ୍ସବ ନିର୍ଦ୍ଧାରିତ ସମୟରେ ପୂର୍ବାହ୍ନ ୧୧ଟା ୩୦ ରେ ଆରମ୍ଭ ହୋଇଥିଲା। ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ଏବଂ ପରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପରିବେଷଣ କରାଯାଇଥିଲା। ଶପଥ ଗ୍ରହଣ ପରେ, ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନଙ୍କ ସହିତ ଏକ ଆନୁଷ୍ଠାନିକ ବୈଠକ କରିଥିଲେ।

# ସବୁ ରାଜ୍ୟଗୁଡିକୁ ୪୦,୦୦୦ ଲିଟର କିରାସିନି ମିଳିବ



ନୂଆଦିଲ୍ଲୀ : ଦେଶରେ ଏଲ୍‌ପିଜି ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ସରକାର ଏହାର ବିକଳ୍ପ ଇନ୍ଧନ ସ୍ୱରୂପ ରାଜ୍ୟଗୁଡ଼ିକୁ ୪୦,୦୦୦ ଲିଟର କିରାସିନି ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଦେଶରେ ଏବେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। କାରଣ ଲୋକେ ଏଲପିଜିର ଅଭାବ ଦେଖାଯିବାର ଆଶଙ୍କାରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ସିଲିଣ୍ଡର ବୁକିଂ କରୁଛନ୍ତି। ଯଦ୍ୱାରା ଏହାର ଯୋଗାଣ ବାଧାପ୍ରାପ୍ତ ହେଉଛି। ଦେଶରେ ଦୈନିକ ୫୦ଲକ୍ଷ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ କରାଯାଉଛି। ତେବେ କୌଣସି ବିତରକଙ୍କ ପାଖରେ ଏବେ ସିଲିଣ୍ଡର ଅଭାବ ନାହିଁ। ବୁକିଂ ଅନୁଯାୟୀ ସମସ୍ତ ଗ୍ରାହକଙ୍କୁ ସିଲିଣ୍ଡର ଯୋଗାଯାଉଛି। ସେହିପରି କୌଣସି ପେଟ୍ରୋଲ ଓ ଡିଜେଲ୍ ପମ୍ପରେ ଇନ୍ଧନର ଅଭାବ ନାହିଁ। ସମସ୍ତ ପମ୍ପଗୁଡିକରେ ପର୍ଯ୍ୟାପ୍ତ ମାତ୍ରାର ଇନ୍ଧନ ଯୋଗାଇ ଦିଆଯାଉଛି। ସୁଜାତା ଶର୍ମା କହିଛନ୍ତି ଯେ ଦେଶରେ ଆବଶ୍ୟକ ହେଉଥିବା ଏଲ୍‌ପିଜିର ୬୦% ବିଦେଶରୁ ଆମଦାନୀ ହୋଇଥାଏ। ଆଉ ଏହି ଆମଦାନୀର ୯୦% ହର୍ମୁଜ ପ୍ରଣାଳୀ ଦେଇ ଆମଦାନୀ ହୋଇଥାଏ। ତେଣୁ ଏହା ଏକ କଷ୍ଟକର ପରିସ୍ଥିତି। ପରିସ୍ଥିତିକୁ ମୁକାବିଲା କରିବା ଲାଗି ସରକାର ବିକଳ୍ପ ମାଧ୍ୟମକୁ ଆପଣାଉଛନ୍ତି।

## ଇରାନ ପ୍ରତିପକ୍ଷଙ୍କ ସହ ଜୟଶଙ୍କରଙ୍କ ଆଲୋଚନା

# ଭାରତୀୟ ଟ୍ୟାଙ୍କରକୁ ଛାଡ଼ିଲା ଇରାନ



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତରେ ଦେଖାଯାଇଥିବା ତୈଳ ସଂକଟର ସମାଧାନ ଲାଗି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କର ଇରାନ ପ୍ରତିପକ୍ଷ ଆବାସ ଆରାଗଚିଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ସମସ୍ୟା ଆରମ୍ଭ ପରଠାରୁ ଜୟଶଙ୍କର ତାଙ୍କ ଇରାନ ପ୍ରତିପକ୍ଷଙ୍କ ସହିତ ୩ଥର କଥା ହୋଇସାରିଲେଣି। କଥାବାର୍ତ୍ତା କାଳରେ ହର୍ମୁଜ ପ୍ରଣାଳୀ ଦେଇ ଭାରତକୁ କିପରି ସୁରକ୍ଷିତ ତୈଳ ଯୋଗାଣ ହୋଇପାରିବ ସେ ବାବଦରେ ଜୟଶଙ୍କର ଆଲୋଚନା କରିଛନ୍ତି। ତୈଳ ପରିବହନ କରୁଥିବାର ଭାରତୀୟ ଜାହାଜଗୁଡିକ ହର୍ମୁଜ ପ୍ରଣାଳୀ ଦେଇ କିପରି ସୁରକ୍ଷିତ ଯାତ୍ରା କରିବେ ସେ ସମ୍ପର୍କରେ ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି।

## ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ

ଇମ୍ଫାଲ : ମଣିପୁରର ବିଭିନ୍ନ ସ୍ଥାନରେ ଅପରେସନ ସମୟରେ ସୁରକ୍ଷା ବାହିନୀ ଏବଂ ପୋଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ କରିଛନ୍ତି। ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିରନ୍ତର ଆହ୍ୱାନ କରାଯାଉଛି ଯେ, ଯାହାପାଖରେ ବି ପୋଲିସ ଠାରୁ ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ର ରହିଛି, ସେ ଫେରାଇ ଦିଅନ୍ତୁ ।

# ୮ କୋଟି ଟଙ୍କାର ହେରୋଇନ ଜବତ



ଜାମ୍ମୁ : ଜାମ୍ମୁ-କାଶ୍ମୀର ପୁଲିସ ବୁଧବାର ରାତିରେ ଜାମ୍ମୁ ଜିଲା ଅନ୍ତର୍ଗତ ବାହାଦୂରପୁରା ଗ୍ରାମ ନିକଟସ୍ଥ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରୁ ୮ କୋଟି ଟଙ୍କାର ହେରାଇନ ଜବତ କରିଛି। ଖୋଲା ପଡିଆରେ ଏକ ପ୍ୟାକେଟ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଉକ୍ତ ପ୍ୟାକେଟରେ ୧.୫ କିଲୋ ଓଜନର ହେରୋଇନ ରହିଥିବା ଜଣାପଡିଥିଲା। ଆନ୍ତର୍ଜାତିକ ମାର୍କେଟରେ ଏହାର ମୂଲ୍ୟ ୮ କୋଟି ହେବ ବୋଲି ଆକଳନ କରାଯାଇଛି। ପାକିସ୍ତାନ ପଟୁ ଏହି ପ୍ୟାକେଟକୁ ଡ୍ରୋନ ଯୋଗେ ଭାରତ ସୀମାରେ ପକାଯାଇଥିବା ଆଶଙ୍କା କରାଯାଉଛି।

# ଇରାନର କଳାବାଦଲ ଭାରତମୁହାଁ ହେଲେ ୩ ରାଜ୍ୟରେ ସୃଷ୍ଟି ହେବ ସଙ୍କଟ



ନୂଆଦିଲ୍ଲୀ : ଇରାନର ତୈଳ ସ୍ଥାପନା ଉପରେ ଆମେରିକା-ଇସ୍ରାଏଲର ବିମାନ ଆକ୍ରମଣ ରାଜଧାନୀ ତେହେରାନ ତଥା ଏହାର ଆଖପାଖ ଅଞ୍ଚଳଗୁଡ଼ିକର ଆକାଶକୁ କଳା ମେଘରେ ଆଚ୍ଛାଦିତ କରିଛି। କଳା ଧୂଆଁ ଯୋଗୁ ଲୋକଙ୍କ ପାଇଁ ନିଶ୍ୱାସ ନେବା କଷ୍ଟକର ହେଉଛି। ଇରାନର ରେଡ କ୍ରିସେଣ୍ଟ ସୋସାଇଟି ଏସିଡ୍ ବର୍ଷା ପ୍ରତି ସତର୍କ ରହିବାକୁ ଲୋକଙ୍କୁ ଚେତାବନୀ ଦେଇଛି। ଯଦି ଏହି କଳାବାଦଲ ହୁଏ ଭାରତ ମୁହାଁ ହେବ ତେବେ ଗୁଜୁରାଟ, ରାଜସ୍ଥାନ ଓ ପଞ୍ଜାବ ସ୍ଥିତି ସଙ୍କଟ ଜନକ ହେବ ବୋଲି ଆକଳନ କରାଯାଇଛି। ତେଲ ଯୁକ୍ତ ଏହି କଳା ବାଦଲ ଯୋଗୁ ଭାରତ ମଧ୍ୟ ବିପଦରେ ଅଛି। ଇରାନରୁ ପାକିସ୍ତାନର ପଶ୍ଚିମ ଅଞ୍ଚଳ ବଲୁଚିସ୍ତାନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଦିଗରେ ପବନ ବହୁଛି। ପାକିସ୍ତାନ ପାଣିପାଗ ବିଭାଗ ଏହି ମେଘ ଓ ବିଷାକ୍ତ ଧୂଆଁ ସମ୍ପର୍କରେ ପୂର୍ବରୁ ଏକ ଚେତାବନୀ ଜାରି କରିସାରିଛି। ତେବେ ଭାରତ ପ୍ରତି ସିଧାସଳଖ ବିପଦ ସର୍ବନିମ୍ନ ରହିଛି। ହିମାଳୟ ଏବଂ ଇରାନଠାରୁ ଭାରତର ଦୂରତା ଯୋଗୁଁ ପ୍ରଭାବ କମ୍ ହୋଇପାରେ ବୋଲି କୁହାଯାଉଛି। ଯଦି ଜେଟ୍ ଷ୍ଟ୍ରିମ୍ ବା ପୃଥିବୀ ପୃଷ୍ଠରେ ପ୍ରବାହିତ ପ୍ରବଳ ପବନର ବେଗ ଅଧିକ ହେବ ତେବେ ଏହି କଳା ଧୂଆଁର ସୂକ୍ଷ୍ମ କଣିକା ଗୁଜୁରାଟ, ରାଜସ୍ଥାନ ତଥା ପଞ୍ଜାବରେ ପହଞ୍ଚିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।। ଆଫଗାନିସ୍ତାନ ଏବଂ ତୁର୍କମେନିସ୍ତାନ ଭଳି ପଡ଼ୋଶୀ ଦେଶଗୁଡ଼ିକ ପ୍ରଥମେ ପ୍ରଭାବିତ ହେବେ। ହାଇସ୍ପିଲ୍ଟ ଭଳି ବିଶ୍ୱ ମଡେଲଗୁଡ଼ିକ ଦର୍ଶାଏ ଯେ, ବାଦଲରେ ଥିବା ତେଲ କଣିକା ପାଞ୍ଚରୁ ଦଶ ଦିନ ମଧ୍ୟରେ ଦୁଇ ହଜାରରୁ ତିନି ହଜାର କିଲୋମିଟର ପର୍ଯ୍ୟନ୍ତ ଭାସମାନ ଅବସ୍ଥାରେ ଗତି କରିପାରେ। ଏହି ବିଷାକ୍ତ ମେଘ ଯୋଗୁଁ ହେଉଥିବା ଏସିଡ୍ ବର୍ଷାର ପ୍ରଭାବ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଏହାର ଦୀର୍ଘକାଳୀନ ପ୍ରଭାବ ବର୍ଷ ବର୍ଷ ଧରି ଅନୁଭୂତ ହେବ। ମାଟିରେ ଜମା ହୋଇଥିବା ଏସିଡି ୧୦ ରୁ ୨୦ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହା ମାଟିର ବଫର କ୍ଷମତାକୁ ହ୍ରାସ କରିବ। ମଣିଷଙ୍କଠାରେ ଶ୍ୱାସକ୍ରିୟା ରୋଗ ୨୦ ରୁ ୩୦% ବୃଦ୍ଧି ପାଇପାରେ। ଏନେଇ ପିଲା ଏବଂ ବୃଦ୍ଧମାନେ ଅଧିକ ବିପଦରେ ଅଛନ୍ତି। କୃଷି ଉତ୍ପାଦନ ୧୦-୧୫% ହ୍ରାସ ପାଇପାରେ। ଫଳରେ ଭବିଷ୍ୟତରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ। ଏସିଡ୍ ବର୍ଷା ଗଛର ମୂଳକୁ ଦୁର୍ବଳ କରିଦିଏ, ପତ୍ର ପୋଡ଼ିଦିଏ ଏବଂ ଜଙ୍ଗଲ ଜୈବ ବିବିଧତାକୁ ନଷ୍ଟ କରିଦିଏ। ମଣିଷଙ୍କଠାରେ ସ୍ନାୟୁଗତ ବିକାର ଆଣେ। ତେହେରାନ ଭଳି ଏକ ଘନ ଜନସଂଖ୍ୟା ବିଶିଷ୍ଟ ସହରରେ ବାୟୁ ପ୍ରଦୂଷଣ ପୂର୍ବରୁ ଅଧିକ ରହିଛି। ଫଳରେ ଏସିଡ୍ ବର୍ଷା ପରିସ୍ଥିତି ମହାମାରୀ ଭଳି ହୋଇପାରେ। ଭିଏତନାମରେ ଏଜେଣ୍ଟ ଅରେଞ୍ଜ ୟୁକ୍ରେନ ଯୁଦ୍ଧର ପ୍ରଦୂଷଣ ଯୋଗୁ ବିପଦ ସୃଷ୍ଟି କରିଛି। ଏହି ରାସାୟନିକ ପଦାର୍ଥଯୁକ୍ତ ମେଘ ମାଟି ଏବଂ ପାଣିରେ ସୀସା ଏବଂ ପାରଦ ଭଳି ଭାରୀ ଧାତୁ ଜମା କରିବ। ଏହା ଯୋଗୁଁ, ଏଗୁଡ଼ିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବ ଏବଂ ପରେ ଖାଦ୍ୟ ମାଧ୍ୟମରେ ଶରୀରରେ ପହଞ୍ଚି ଡିଏନ୍‌ଏକୁ କ୍ଷତି ପହଞ୍ଚାଇପାରେ। କର୍କଟ ଭଳି ଗମ୍ଭୀର ରୋଗ ହେବାର ମଧ୍ୟ ଆଶଙ୍କା ରହିଛି। ରୁଷ ଏବଂ ୟୁକ୍ରେନ ପରେ, ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବିଶ୍ୱରେ ବଢୁଥିବା ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉଷ୍ମତା ବିରୋଧରେ ଚାଲିଥିବା ଲଢ଼େଇକୁ ବାଧା ଦେଉଛି। ପରିବେଶ ସୁରକ୍ଷା ପାଇଁ ରାଷ୍ଟ୍ରଗୁଡ଼ିକର ଇଚ୍ଛାଶକ୍ତି ସକାରାତ୍ମକ ଫଳାଫଳ ଆଣିଛି। ପ୍ୟାରିସ୍ ଚୁକ୍ତିନାମା ନିର୍ଗମନ ହ୍ରାସ କରିଛି, କିନ୍ତୁ ଯୁଦ୍ଧ ପରିବେଶ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ୟୁକ୍ରେନ ଉପରେ ବୋମା ମାଡ଼ ଯୋଗୁଁ ୩୫ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ ପ୍ରଦୂଷଣ ଜମା ହୋଇଥିଲା। ବର୍ତ୍ତମାନ, ଇରାନରେ ତେଲ ଜଳିବା ଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଗ୍ରୀନହାଉସ୍ ଗ୍ୟାସ୍ ବାୟୁମଣ୍ଡଳରେ ମିଶୁଛି। ଏହା ନିଶ୍ଚିତ ଭାବରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇକୁ ଦୁର୍ବଳ କରୁଛି। ଯୁଦ୍ଧ ନିର୍ଗମନ ବୃଦ୍ଧି ଯୋଗୁଁ ତାପମାତ୍ରା ୨.୩ ରୁ ୨.୫ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଇରାନ ଭଳି ତୈଳ ଉତ୍ପାଦନକାରୀ ଦେଶରେ ଯୁଦ୍ଧ ହେବା ଦ୍ୱାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହେବ ଏବଂ କୋଇଲା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବ। ଏହା ମଧ୍ୟ ଭୟଙ୍କର ତାପମାତ୍ରା ବୃଦ୍ଧି କରିପାରେ। ଏଥିରୁ ସୁରକ୍ଷା ପାଇଁ ଇରାନ ତୁରନ୍ତ ବାୟୁ ଗୁଣବତ୍ତା ମନିଟରିଂ ଷ୍ଟେସନ୍ ସ୍ଥାପନ କରିବା, ପ୍ରଭାବିତ ମାଟିକୁ ଚୂନ ଦେଇ ନ୍ୟୁଟ୍ରାଲ୍ କରିବା ଏବଂ ସ୍ୱାସ୍ଥ୍ୟ ଶିବିର ସ୍ଥାପନ କରିବା ଉଚିତ ବୋଲି ବିଶେଷ ମତପୋଷଣ କରିଛନ୍ତି।

## ଦାମିକା ଭୋଜି

**ଅଧ୍ୟାପିକା**
**କୃଷ୍ଣପ୍ରିୟା ବେହେରା**

ଭୋଜି ଖାଇବାକୁ କାହାକୁ ଭଲ ନ ଲାଗେ। କୋଉଠି ଭୋଜି ହେଲେ ସମସ୍ତେ ଆଗ କଥା ହୁଅନ୍ତି ଭୋଜିକୁ କିଏ କିଏ ଯିବେ, କଣ ପିନ୍ଧିବେ। ସେଠି ପହଞ୍ଚିଲା ପରେ କୋଉ ଖାଦ୍ୟ କେତେବେଳେ ଖାଇବେ, ପୁଣି କାହା ପରେ କଣ ଖାଇବେ ସେ ସବୁ ନେଇ ଅନେକ ଚର୍ଚ୍ଚା ହୁଏ। ତା ପରେ ଚର୍ଚ୍ଚା ହୁଏ ଭୋଜି ଦେଉଛି କିଏ। ତାର ଆର୍ଥିକ ସାମର୍ଥ୍ୟ କେତେ। ସିଏ କୋଉ ଭଳି ଭୋଜି ଦେଇ ପାରିବ। ସାଧାରଣତଃ ସମସ୍ତଙ୍କ ଇଚ୍ଛା ଭଲ ଭୋଜି ଖାଇବାକୁ। ବିଭିନ୍ନ ପ୍ରକାରର ସୁଆଦିଆ ଭୋଜିରେ ଲୋକଙ୍କ ମନ। ଖାଲି ଭୋଜି ନୁହେଁ ତା ସହିତ ଲୋକେ ଖୋଜନ୍ତି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ, ସମ୍ମାନ ଓ ଭଲ ବ୍ୟବହାର। ଖାଦ୍ୟ ତ ସମସ୍ତେ ଖାଉଛନ୍ତି ତଥାପି ଖାଦ୍ୟ ପରଷିବା, ପୁଣି ଖାଇଲେ କି ନାହିଁ ବାରମ୍ବାର ପଚାରି ବୁଝିବା, ମନ ଶାନ୍ତି କରାଇ ଖୁଆଇବା, ଅତିଥି ସେବା ଦେବା, ଏ ସବୁର ଗୁରୁତ୍ୱ ଯଥେଷ୍ଟ ଅଧିକ ଅଛି।

ଭୋଜି ଦେବା ପଛରେ କିଛି ନା କିଛି ଉଦ୍ଦେଶ୍ୟ ଥାଏ। ସମାଜର ଚଳଣି କୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଭୋଜି ଦେବାର ଅନେକ ପ୍ରଥା ଅଛି। ଯେମିତି ଝିଅ ପୁଅ ବାହା ହେଲା ବେଳେ, ଘରେ ପିଲାଟିଏ ଜନ୍ମ ହୋଇଥିଲେ ତା ଏକୋଇଶି ଆରେ କିମ୍ବା ପିଲାର ପ୍ରଥମ ବର୍ଷ ଜନ୍ମ ଦିନ ପାଳନରେ, ବିବାହ ବାର୍ଷିକୀରେ, କିଛି ସଫଳତା ପାଇବା ଖୁସିରେ। ଏ କ୍ଷେତ୍ରରେ ନିଜର ଅତି ଆପଣାର ଲୋକଙ୍କୁ ଆମନ୍ତ୍ରଣ କରା ଯାଏ। ଯେଉଁ ମାନେ ଆତିଥ୍ୟ ଗ୍ରହଣ କରିବେ, ସେମାନେ ଭୋଜି ଖାଇ, ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେବେ। ମଣିଷ ଜୀବନରେ ଆଶୀର୍ବାଦ ନିହାତି ଆବଶ୍ୟକ। ଏହି ଆଶୀର୍ବଚନ ବ୍ୟକ୍ତିର ମନୋବଳ ଦୃଢ଼ କରି ଥାଏ। ମନରେ ସାହାସ ଭରି ଦିଏ। ଫଳରେ ବ୍ୟକ୍ତି ଅସମ୍ଭବ କୁ ସମ୍ଭବ କରିବାର ପ୍ରେରଣା ପାଇ ଥାଏ। ଏମିତି ବି ଦୃଷ୍ଟାନ୍ତ ରହିଛି କିଛି ପାରୁ ନ ଥିବା ପିଲା ଯଦି କାହାଠୁ ସଫଳତା ପ୍ରାପ୍ତ ହେବାର ଆଶୀର୍ବାଦ ପାଏ,ତାହାହେଲେ ତା ମନରେ କିଛି କରିବାର ଓ କିଛି ପାଇବାର ଆଶା ଜାଗ୍ରତ ହୁଏ। ତାକୁ ନେଇ ସେ କଠିନ ପରିଶ୍ରମ କରେ। ଶେଷରେ ସେ ସଫଳ ହୋଇଥାଏ

ସାମାଜିକ ପ୍ରଥା ଅନୁସାରେ ଯଦି କାହାର ମୃତ୍ୟୁ ହୋଇ ଯାଏ। ସେ କ୍ଷେତ୍ରରେ ମଧ୍ୟ ଭୋଜି ଦିଆ ଯାଏ। କିନ୍ତୁ ଏ ଭୋଜି ଦେବାର ଉଦ୍ଦେଶ୍ୟ ଭିନ୍ନ। କାରଣ ଏଠି ଭୋଜି ଦେଇ ଅତିଥିଙ୍କୁ ସନ୍ତୁଷ୍ଟ କରା ଯାଏ,ସେମାନେ ଏତେ ଆଶୀର୍ବାଦ କରିବେ ଯେ ସେଇ ଶୋକ ସନ୍ତପ୍ତ ପରିବାରରୁ ଦୁଃଖ ଦୂରେଇ ଯିବ ଏବଂ ସ୍ୱର୍ଗତ ଆତ୍ମା ସଦ୍ଗତି ପ୍ରାପ୍ତ ହେବ।

ଭୋଜି କୋଉ କାରଣରୁ ଦିଆ ଯାଉ କିନ୍ତୁ ସମସ୍ତେ ଆମନ୍ତ୍ରିତ ହୋଇ ନ ଥାନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ନିର୍ଦ୍ଦିଷ୍ଟ ସ୍ଥାନକୁ ଓ ଭୋଜିକୁ ଆମନ୍ତ୍ରିତ ହୋଇ ଥାନ୍ତି। ଏଇ ବିଷୟକୁ ପ୍ରାଥମିକତା ଦେଇ ଭୋଜି କୁ ଦୁଇ ଭାଗରେ ବିଭକ୍ତ କରା ଯାଇଛି। ଯେମିତିକି ଦାମିକା ଆଉ ଗୋଟିଏ ଶସ୍ତା ଭୋଜି। ଦାମିକା, ଶସ୍ତା ଭୋଜି ମଧ୍ୟ ରେ ଅନେକ ପ୍ରଭେଦ ଅଛି। ଦାମିକା ଭୋଜିରେ ସମାଜର ଗଣମାନ୍ୟ ବ୍ୟକ୍ତି ଆମନ୍ତ୍ରିତ ହୋଇ ଥାନ୍ତି।ସେମାନଙ୍କ ମଧ୍ୟରୁ କିଛି ରାଜ ନେତା, ଅଭିନେତା, କିଛି ସରକାରଙ୍କ ପ୍ରଶାସନିକ ଅଧିକାରୀ, କିଛି ଶିଳ୍ପପତି ଓ କିଛି ଧନୀ ହୋଇ ଥାନ୍ତି। ସେମାନଙ୍କର ବେଶଭୂଷା ସାଧାରଣ ଲୋକଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ। ସେଇଭଳି ସେମାନଙ୍କ ଖାଇବା ପିଇବା, ବସିବା ଉଠିବା,ବ୍ୟବହାର ମଧ୍ୟ ଭିନ୍ନ। ସେମାନେ ନିଜକୁ ସାଧାରଣ ଲୋକଙ୍କଠୁ ଦୂରେଇ ରଖନ୍ତି କେବଳ ଅନ୍ୟମାନଙ୍କ ମଧ୍ୟରେ ନିଜର ଗୁରୁତ୍ୱ ବଢ଼ାଇବା ପାଇଁ। ସେମାନେ ସବୁ ବେଳେ ନିଜ ପ୍ରସ୍ଥିତି ଅନୁସାରେ ଲୋକଙ୍କ ସହ ମିଶନ୍ତି। ପ୍ରସ୍ଥିତିରୁ ତଳ ଲୋକଙ୍କୁ ନା ଅନାନ୍ତି ନା କଥା ହୁଅନ୍ତି।ସେମାନଙ୍କ ସହିତ କୌଣସି ପ୍ରକାରରେ କିଛି ବି ଭାଗୀ ହେବାକୁ ଚାହାଁନ୍ତି ନାହିଁ। ଭୁଲ୍ ବଶତଃ ଯଦି ବା କେବେ କେହି ତାଙ୍କ ପାଖରେ ଠିଆ ହୋଇ ଯାଏ, ସେମାନେ ତତ୍ କ୍ଷଣାତ ନିଜକୁ ସେଇ ସ୍ଥାନରୁ ଦୁରେଇ ଦିଅନ୍ତି। ସମାଜରେ ଏଇ ଲୋକ ମାନଙ୍କ ଚାହିଦା ଯଥେଷ୍ଟ ଅଧିକ। ଏଇ ମାନେ ଦାମିକା ଭୋଜି ପାଇଁ ଯୋଗ୍ୟ। କାରଣ ଏମାନେ ଦାମିକା ଖାଦ୍ୟ ଖାଇବା ଶୈଳୀ ଜାଣନ୍ତି। ଏମାନଙ୍କୁ ଚାମଚ୍ ପ୍ଲେଟ୍ ଧରି ଖାଇବା ଆସେ। ଖାଇଲା ବେଳେ ଏମାନେ ଶବ୍ଦ କରନ୍ତି ନାହିଁ। ଏମାନଙ୍କ ଓଠ କେତେବେଳେ ଖୋଲେ ଆଉ କେତେବେଳେ ବନ୍ଦ୍ ହୁଏ ପୁଣି କେତେବେଳେ ଖାଦ୍ୟ ଚୋବାନ୍ତି ତାହା ଜଣା ପଡ଼େ ନାହିଁ। ଭାରି ଭଦ୍ରାନ୍ତିରେ ଖାଦ୍ୟ ଖାଆନ୍ତି। ମହିଳା ହୋଇଥିଲେ ତାଙ୍କ ଓଠରୁ ନାଲି ରଙ୍ଗର ଚମକ ଲିଭେ ନାହିଁ। ପୁରୁଷ ହୋଇଥିଲେ ଖାଦ୍ୟ ଖାଇଛନ୍ତି ବୋଲି କୌଣସି ଗନ୍ଧ ମିଳେ ନାହିଁ। ଏ ଭୋଜିର ବିଶେଷତ୍ୱ ହେଉଛି ଭୋଜି ଦେଉଥିବା ବ୍ୟକ୍ତି ଦାମିକା ଆଉ ଆମନ୍ତ୍ରିତ ହୋଇଥିବା ବ୍ୟକ୍ତି ବି ଦାମିକା। ଭୋଜି ଦିଆ ଯାଉଥିବା ସ୍ଥାନ ମଧ୍ୟ ଦାମିକା, ଯାହା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ। ସାଧାରଣ ଲୋକେ ସେ ସ୍ଥାନକୁ କେବଳ କଳ୍ପନା ଚକ୍ଷୁରେ ଦେଖି ପାରିବେ।

ଦାମିକା ଭୋଜି ଖାଇବାକୁ କେବଳ ଜଣେ ଯାଆନ୍ତି। ସପରିବାର ନୁହେଁ।ପରିବାର ଲୋକଙ୍କ ସଂଖ୍ୟା ଅଧିକ। ଅଧିକ ଲୋକ ଗଲେ ଅଧିକ ଖର୍ଚ୍ଚ ହେବ। ତେଣୁ ସପରିବାର ଆମନ୍ତ୍ରିତ ନୁହଁନ୍ତି। ପରିବାର ଭିତରୁ କେବଳ ଜଣେ ଦାମିକା ଭୋଜି ଖାଇବାକୁ ଯୋଗ୍ୟ। ଏହି ଭୋଜିରେ ଯୋଗ ଦେବା କିମ୍ବା ଭୋଜିକୁ ଅନୁଭବ କରିବା ପାଇଁ ଦାମିକା ଉପହାରର ଆବଶ୍ୟକତା ଅଛି। ଏହି ଭୋଜିକୁ ଯିବାକୁ ହେଲେ କିଛି ନିର୍ଦ୍ଦେଶ କୁ ମାନିବାକୁ ପଡ଼େ। ନିମନ୍ତ୍ରଣ ପତ୍ରରେ ନିର୍ଦ୍ଦେଶ ସବୁ ଲିପିବଦ୍ଧ ହୋଇ ଥାଏ। କୌଣସି ପ୍ରକାରର ବସ୍ତୁ ନିର୍ମିତ ଉପହାର ନୁହେଁ କି ଫୁଲ ତୋଡା ନୁହେଁ। ତାହାହେଲେ ଜଣେ ନବ ତ କଣ ନବ। ସେଥି ପାଇଁ ଅନେକେ ଲଫାପାରେ ଟଙ୍କା ପୁରାଇ ଦିଅନ୍ତି। ସତ୍ୟ ହେଉଛି ଅନାବଶ୍ୟକ ଦ୍ରବ୍ୟ ନ ଦେଇ ଟଙ୍କା ଦେବା ପାଇଁ ପରୋକ୍ଷରେ ନିର୍ଦ୍ଦେଶ ଦିଆ ଯାଇ ଥାଏ। ନିମନ୍ତ୍ରଣ କାର୍ଡରୁ ଅନୁମାନ କରି ହୁଏ ଯେ ସେଠିକି ଯିବାକୁ ହେଲେ କିଭଳି ପୋଷାକ ପିନ୍ଧିବାକୁ ହେବ। ଏଇ ଭଳି ଭୋଜିରେ ପୋଷାକର ଗୁରୁତ୍ୱ ଯଥେଷ୍ଟ ଅଧିକ ଅଛି। କଥାରେ ଅଛି ଭେକ ଥିଲେ ଭିକ ମିଳେ। ନ ହେଲେ ପରିଚିତ ଙ୍କ ଭିତରେ ମଣିଷ ଅପରିଚିତ ହୋଇ ଯାଏ। ଦେଖିକି ବି କେହି ଦେଖନ୍ତି ନାହିଁ। ଦାମିକା ଭୋଜି ଯେତିକି ରୋମାଞ୍ଚକର ସେତିକି ଯନ୍ତ୍ରଣା ଦାୟକ କଥା। କାରଣ ସେଠିକାର ପରିବେଶ ଅସହ୍ୟ ହୋଇ ଥାଏ। ବହୁ ସମୟରେ ବ୍ୟକ୍ତିକୁ ବାଧ କରେ ନିଜକୁ ହୀନ ମଣିବା ପାଇଁ। ଦାମିକା ଭୋଜି ଖାଇବା ଏତେ ସହଜ ନୁହେଁ। ଏଥି ପାଇଁ କିଛି ତ୍ୟାଗ କରିବାକୁ ପଡ଼ି ଥାଏ। ଏହା ସମସ୍ତେ କରି ପାରିବେ ନାହିଁ। ସ୍ୱାଭିମାନୀ ବ୍ୟକ୍ତି ଏଇଭଳି ଭୋଜିକୁ ତୁଚ୍ଛ ମଣି ଥାଏ। ନିଜ ସମ୍ମାନ କୁ ଜଗି ସେ ସ୍ଥାନକୁ ଯାଇ ନ ଥାଏ। କଥାରେ ଅଛି ଆଲୋ ସଖୀ ଆପଣା ମହତ ଆପେ ରଖି।

●

ଅର୍ଥନୀତି ବିଭାଗ
ଈମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ
କଟକ
ମୋ:୯୯୩୭୪୩୪୯୨୨

## ଦୁନିଆଁ

**ସଞ୍ଜୟ କୁମାର ଦାସ**

ଦିନ ପରେ ରାତି ରାତି ପରେ ଦିନ
ମିଛ ମାୟା ଦୁନିଆର କେତେ ସବୁ ସପନ
ସେ ଅଲୋଡ଼ା ସପନ ପୂରଣ ନେଇ
ପାପ, ପୁଣ୍ୟ ପଡ଼ିଆରେ ଭେଟ ହେଉ ଯାଇ
ସେ ପାପ, ପୁଣ୍ୟର ବିଚାର ଶକ୍ତି ବା କାଇଁ
ବିବେକକୁ ଚାପି ମନ ନାଚେ ତେଇଁ
ବଞ୍ଚିବା ଲାଗି ହୁଏ ଶକୁନିର ପଶାଖେଳ
ନାହାନ୍ତି ଆଜି ଶ୍ରୀକୃଷ୍ଣ, ଅର୍ଜୁନ ଓ ଭୀମର ବଳ
ଧନ, ପ୍ରାଚୁର୍ଯ୍ୟ, ଗର୍ବ, ଅହଙ୍କାର
ମୂଳ ଲକ୍ଷ୍ୟ ହୁଏ ଆମ ଜୀବନର
ମନ ହୃଦୟକୁ ବ୍ୟଥିତ କରେ ଦୁନିଆଁ
ହାରି ଯାଇଛି ଜୀବନର ମଣିଷ ପଣିଆ
ଘରେ ଘରେ ଘୂରି ବୁଲେ ମରିଚିକାର ଖେଳ
ସାଖେ ନେଇଯାଏ ଦେଖିବାକୁ ଅଶାନ୍ତିର ବେଳ
ଆଜି ବି ଅଛି ଇନ୍ଦ୍ରଧନୁ ଆଉ ପୂର୍ଣ୍ଣିମାର ଚାନ୍ଦ
ସଜାଏ ଧରାକୁ ନ କରି କପଟ ଛନ୍ଦ
ଆଜି ବି ବହେ ଝରଣା କରି କଳକଳ ନାଦ
ଶୃତି ମଧୁର କରେ କୋଇଲିର କୁହୁ କୁହୁ ଶବ୍ଦ
ଆଜି ବି କରୁଣାର ବରଷା ବରଷାଏ ଇନ୍ଦ୍ର ଦେବତା
ଅନ୍ଧାରରୁ ଆଲୋକକୁ ବାଟ କଢ଼ାଏ ସୂର୍ଯ୍ୟ ଦେବତା
କେତେ ବିଶାଳ, ସରସ ସୁନ୍ଦର ସ୍ରଷ୍ଟାର ଦାନ
ତଥାପି ମାନେନି ଅବୁଝା ଅମାନିଆ ମନ
ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ମହେଶ୍ୱର
ଆପଣ ସୃଷ୍ଟି, ଆପଣ ସ୍ରଷ୍ଟା କର ବିଚାର
ନୂତନ ଶୁଭ ସକାଳର ହେଉ ଆବିର୍ଭାବ
ସୁନ୍ଦର ମଙ୍ଗଳମୟ ହେଉ ଜୀବନର ନାବ
ତୁମ୍ଭ କରୁଣାରେ ବହିଯାଉ ଏ ଜୀବନ
କରୁଣାକର ହେ କଳାଠାକୁର ନକରି ରାଗ ଅଭିମାନ
ଜୟ ଜଗନ୍ନାଥ !

ମୁନା

●

## ଏଇତ ଜୀବନ

**॥ ଉମେଶ ଚନ୍ଦ୍ର ପଟ୍ଟନାୟକ ॥**



କେବେ... ଜୀବନରେ ଥାଏ ପୂର୍ଣ୍ଣତା
କେବେ... ଜୀବନରେ ଥାଏ ଶୂନ୍ୟତା
କେବେ... ଜୀବନେ ଏନ୍ତୁଡ଼ି ଜ୍ୱଳନ
କେବେ... ମଣିଷକୁ ଜୁଇ ସମନ
ଏଇତ ମଣିଷ ଜୀବନ
ହଁ, ଏଇତ ମଣିଷ ଜୀବନ।୧

କେବେ... ଜୀବନରେ ବୈଶାଖୀ ଖରା
କେବେ... ଜୀବନରେ ଶ୍ରାବଣ ଧାରା
କେବେ... ଭାଗ୍ୟ ଢାଳେ ସୁନା ସମ୍ମାନ
କେବେ... ଆସେ ହାତକଡି ସମନ
ଏଇତ ମଣିଷ ଜୀବନ
ହଁ, ଏଇତ ମଣିଷ ଜୀବନ।୨

କେବେ... ଜୀବନେ ଶରତ କୁହୁଡ଼ି
କେବେ... ଜୀବନେ ଶୀତର ଲହଡ଼ି
କେବେ... ବସନ୍ତେ ମହକେ କୁସୁମ
କେବେ... ମରୁ ମରୀଚିକା ର ଶୂନ୍ୟ
ଏଇତ ମଣିଷ ଜୀବନ
ହଁ, ଏଇତ ମଣିଷ ଜୀବନ ।୩



କେବେ... ଜୀବନେ ବିରହ ଦଂଶନ
କେବେ... ଜୀବନେ ପ୍ରେମର ପ୍ଲାବନ
କେବେ... ଫଗୁଣେ ଅବିର ଲେପନ
କେବେ... ଦୁଃଖର ନିଆଁରେ ନିଶ୍ଚିହ୍ନ
ଏଇତ ମଣିଷ ଜୀବନ
ହଁ, ଏଇତ ମଣିଷ ଜୀବନ।୪

କେବେ... ଜୀବନେ ହସର ଫଗୁଆ
କେବେ... ଜୀବନେ ଲୁହର ମରୁଆ
କେବେ... ଘନ କୁହୁଡ଼ି ଆସ୍ତରଣ
କେବେ... ନିର୍ମଳ ଆକାଶ ଶୋଭନ
ଏଇତ ମଣିଷ ଜୀବନ
ହଁ ଏଇତ ମଣିଷ ଜୀବନ।୫

କେବେ... ଜୀବନରେ ଅମା ଅନ୍ଧାର
କେବେ... ଜୀବନେ ପୂର୍ଣ୍ଣମୀ ଆସର
କେବେ... ନଦୀ ଶୁଖି ଜଳ ବିହୀନ
କେବେ... ବନ୍ୟାରେ ହୁଏସେ ପ୍ଲାବନ
ଏଇତ ମଣିଷ ଜୀବନ
ହଁ, ଏଇତ ମଣିଷ ଜୀବନ।୬

କେବେ... ଜୀବନଟା ହୁଏ ଶ୍ରୀହୀନ
କେବେ... ଜୀବନ ପାରିଜାତ ବନ
କେବେ... ଉଦିତ ସୂର୍ଯ୍ୟ ଆଗମନ
କେବେ... ସଞ୍ଜ ନଇଁଲେସେ ପ୍ରସ୍ଥାନ
ଏଇତ ମଣିଷ ଜୀବନ
ହଁ ଏଇତ ମଣିଷ ଜୀବନ
ହଁବନ୍ଧୁ, ଏଇତ ମଣିଷ ଜୀବନ।୭

●

ଭୂଷଣ୍ଡପୁର(ଖୋର୍ଦ୍ଧା)

## ମୋ ଜୀବନ ସାଥୀ

**ପ୍ରୀତି ପଟ୍ଟନାୟକ**



ଏକାକୀ ବଞ୍ଚିବା ସହଜ ନୁହଁଇ,
ଭଲ ସାଥୀଟିଏ ଲୋଡ଼ା ତହିଁ ପାଇଁ।
ଈଶ୍ୱରଙ୍କ ସୃଷ୍ଟ ଜଗତ ଅଟଇ,
ଏଠି ମିଳିଥାନ୍ତି ଯିଏ ଯାହା ପାଇଁ॥

ଜୀବନଠାରୁ ଯେ ମରଣ ପର୍ଯ୍ୟନ୍ତ
ସାଥୀ ଥାଏ ପାଖେ ପାଖେ।
ଯେତେ ଝଡ଼ ଅବା ବିପଦ ଆସିଲେ,
ଲଢ଼ି ହୁଏ ଏକା ସାଥେ॥

ତୁମେ ଯେ ଅଟ ମୋ ଜୀବନର ସାଥୀ
ନାମ ତୁମ ବିପ୍ଳବ।
ଯେପରି ନାମକୁ ସେପରି ସଂଘର୍ଷ,
କରି ଅରଜିଛ ଯଶ॥

ଜୀବନରେ କେବେ ହାରିନାହଁ ତୁମେ
ଆଗେଇ ଯାଇଛ ଦମ୍ଭେ।
କର୍ତ୍ତବ୍ୟ ସମସ୍ତ ପୂରଣ କରିବି,
ଲୋଡ଼ି ନ ପ୍ରଶଂସା କେବେ॥

ନିଜ ଖୁସି ନିଜ ସ୍ୱପ୍ନ ସବୁ ଭୁଲି
କୁଟୁମ୍ବ ପାଇଁ ଶ୍ରମ କରିଛ।
ବାପା, ମା’ ଭାଇ ଖୁସିକୁ ନିଜର,
ସ୍ୱପ୍ନ ବୋଲି ଭାବିଛ॥

ମୋ ମନର ପ୍ରତିଟି ଅକୁହା କଥାକୁ
ତୁମେ ତ ପଢି ପାରିଛ।
କରି ନାହିଁ କେବେ ଏକୁଟିଆ ମୋତେ,
ହାତ ବଢ଼ାଇ ଦେଇଛ॥

ସଙ୍ଗିନୀ ମୁଁ ତୁମ କଥା ଦେଉଅଛି
ସଦା ଥିବି ତୁମ୍ଭ ପାଖେ।
କେବେ କରିବିନି ଏକାକୀ ତୁମକୁ,
ସୁଖେ ହେଉ ଅବା ଦୁଃଖେ॥

●

ସଂସ୍କୃତ ଶିକ୍ଷୟିତ୍ରୀ

## ସୁନ୍ଦର

**ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ**





ମୋ ପ୍ରିୟା ମୁଖଟା ସୁନ୍ଦର ଲାଗଇ
ହସ କଳି ଫୁଟିଗଲେ
ସେତିକି ସୁନ୍ଦର ଲାଗେ ହୃଦୟକୁ
ସେ ଫୁଲକୁ ଦେଖିଦେଲେ (୧)

ଘର ବଗିଚାଟା ସୁନ୍ଦର ଲାଗଇ
କଳିକାରୁ ଫୁଲ ହେଲେ
ଆହୁରି ସୁନ୍ଦର ଲାଗଇ ସେ ଫୁଲ
ଭଅଁରଟେ ବସିଗଲେ (୨)

ମାଆର କୋଳଟା ସୁନ୍ଦର ଲାଗଇ
ସନ୍ତାନକୁ ଧରିଥିଲେ
ଆହୁରି ସୁନ୍ଦର ଲାଗଇ ସେ କୋଳ
ଛୁଆ ଟିକେ ହସୁଥିଲେ (୩)

ଘର ଅଗଣାଟା ସୁନ୍ଦର ଲାଗଇ
ପରିବାରେ ଶାନ୍ତି ଥିଲେ
ଆହୁରି ସୁନ୍ଦର ଲାଗିବ ଅଗଣା
ପିଲାମାନେ ଖେଳୁଥିଲେ (୪)

ମାଆର ପଣତ ସୁନ୍ଦର ଲାଗଇ
ପୁଅ ମୁହଁ ପୋଛି ଦେଲେ
ଆହୁରି ସୁନ୍ଦର ଲାଗିବ ପଣତ
ଆଖିଲୁହ ପିଇ ଗଲେ(୫)

ଆଖିଲୁହ ସବୁ ସୁନ୍ଦର ଲାଗଇ
ମୋତି ହୋଇ ଝରୁଥିଲେ
ଆହୁରି ସୁନ୍ଦର ଲାଗିବ ସେ ମୋତି
ପ୍ରେମିକ ହାତେ ପଡିଲେ (୬)

ଦୁଇ ପଦ କଥା ସୁନ୍ଦର ଲାଗଇ
ହୃଦୟରୁ ବାହାରିଲେ
ଆହୁରି ସୁନ୍ଦର ଲାଗିବ ସେ କଥା
ମନକୁ ସେ ଛୁଇଁ ଗଲେ (୭)

ଦୁଃଖ ବି ସୁନ୍ଦର ଲାଗଇ ଆମକୁ
ସୁଖ ମଧ୍ୟ ମିଳୁ ଥିଲେ
ଆହୁରି ସୁନ୍ଦର ଲାଗିବ ସେ ଦୁଃଖ
ବିଚ୍ଛେଦେ ମିଳନ ହେଲେ( ୮)

ଓଠ ଲାଗିଥାଏ ବହୁତ ସୁନ୍ଦର
ମଙ୍ଗଳ କାମନା କଲେ
ଆହୁରି ସୁନ୍ଦର ଲାଗିବ ସେ ଓଠ
ହସ ମୁଠେ ଝରିଗଲେ (୯)

ହୃଦୟଟା ଲାଗେ ବହୁତ ସୁନ୍ଦର
ଦୁଃଖରେ ସାମିଲ ହେଲେ
ଆହୁରି ସୁନ୍ଦର ଲାଗିବ ହୃଦୟ
ଦୁଃଖକୁ ନିଜର କଲେ (୧୦)

ମାଆର ମଥାଟା ସୁନ୍ଦର ଲାଗଇ
ସିନ୍ଦୂର ଟୋପାଟା ଥୁଲେ
ଆହୁରି ସୁନ୍ଦର ଲାଗିବ ସେ ମଥା
ପଣତରେ ଢାଙ୍କିଦେଲେ( ୧୧)

ଆବେଗ ଲାଗଇ ବହୁତ ସୁନ୍ଦର
ଭାବନାକୁ ବୁଝିଗଲେ
ଆହୁରି ସୁନ୍ଦର ଲାଗିବ ଆବେଗ
ଭାବନାରେ ବୁଡ଼ିଗଲେ (୧୨)

ଅନୁଭବ ଲାଗେ ବହୁତ ସୁନ୍ଦର
ପ୍ରେମରେ ଥରେ ପଡ଼ିଲେ
ସେହି ଅନୁଭବ ସୁନ୍ଦର ଲାଗିବ
ପ୍ରେମକୁ ନିଜର କଲେ (୧୩)

●

ଶିକ୍ଷକ,ବିଡାନାସୀ,କଟକ

## ପ୍ରଥମ ପ୍ରେମର ପ୍ରଥମ ଚିଠି

**ସୁସ୍ମିତା ପଣ୍ଡା**



ପ୍ରଥମ ପ୍ରେମର ପ୍ରଥମ ଚିଠି ଏକାନ୍ତେ ବସି
ଲେଖୁଛି ଅଳପ ଭାବୁଅଛି ବେଶୀ ॥

ତୁମକୁ ଯେବେ ଦେଲି ଦେଖି
ରହିଗଲା ମନ ତୁମରି ଠାରେ ଲାଖି ॥

କରିବି ବୋଲି ଅତି ଆପଣାର
ଲେଖୁଛି ଚିଠି ଭାବ ହୃଦୟର ॥

ହାତରେ ଧଳା କାଗଜଟିଏ ଧରିଲି
କଲମର କାଳିରେ ମନର ଭାବକୁ ପ୍ରକାଶିଲି ॥

କମ୍ପିଲା ଛାତି ଥରିଲା ହସ୍ତ
ହେଲି ନାହିଁ ମୁହିଁ ଯେ ବ୍ୟସ୍ତ ॥

ତୁମ ପାଶେ କରିବି ନିଜକୁ ସମର୍ପଣ
ପ୍ରଥମ ଚିଠି ରେ କରୁଛି ପ୍ରେମ ନିବେଦନ ॥

ବାଜିଲା ହୃଦେ ଘଣ୍ଟି ତୁମକୁ ଦେଖିଲା ପରେ
ହୋଇନାହିଁ ଏପରି କେବେ ମୋ ଚିତ୍ତରେ ॥

ମନମାନସେ ତୁମର ହେବି ମୁହିଁ ତ ରାଜା
ରାଣୀ କରି ଆଣିବି ଘରକୁ ମୋର ବଜାଇ ବାଜା ॥

ପଣ କରି ଅଗ୍ନିକୁ କରିବି ନିଜର
ମଥାରେ ଦେବି ମୁହିଁ ନାଲି ସିନ୍ଦୂର ॥

ଗଢିତୋଳିବା ଦୁହେଁ ସୁନା ସଂସାର
ହୋଇଯିବା ଦୁହେଁ ସାଥୀ ସାତ ଜନମର ॥

ପ୍ରଥମ ପ୍ରେମର ପ୍ରଥମ ଚିଠି ଏକାନ୍ତେ ବସି
ଲେଖୁଛି ଅଳପ ଭାବୁଅଛି ବେଶୀ ॥

ଚିଠିକୁ କରିବ ସାଦରେ ଗ୍ରହଣ
କରୁଅଛି ତୁମକୁ ପ୍ରେମ ନିବେଦନ ॥

ରାଗିବନି ମୋତେ ହୃଦୟରୁ ବେଶୀ
ମନ ମାନସେ କରିବ ଗ୍ରହଣ ହସିହସି ॥

●

କେନ୍ଦୁଝର

Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha),
Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo
Sub-Editor : Dr. Pradyot Kumar Tripathy

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ
ସହ ସଂପାଦକ : ଡ଼. ପ୍ରଦ୍ୟୋତ କୁମାର ତ୍ରିପାଠୀ